

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:96✦29 July 2026 (Wednesday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୯୬✦୨୯ ଜୁଲାଇ ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ‘ବହୁତ ହେଲା, ଏବେ ପ୍ରତିଶୋଧ ଦରକାର’

## କଳା ସାଗରରେ ଭାରତୀୟଙ୍କ ମୃତ୍ୟୁ ପରେ ଗର୍ଜିଲେ ପୂର୍ବତନ ସେନା ଅଧିକାରୀ !



ନୂଆଦିଲ୍ଲୀ, ୨୮ ।୭ : କଳା ସାଗରରେ ଏକ ବ୍ୟବସାୟିକ ଜାହାଜ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣା ଏବେ ତୀବ୍ର ରୂପ ନେଇଛି । ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଭାରତୀୟ ସେନାର ପୂର୍ବତନ ମେଜର ଜେନେରାଲ୍ ଜି.ଡି. ବକ୍ସି ୟୁକ୍ରେନ୍ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଭାରତ ଏବେ କଡ଼ା ଜବାବ ଦେବା ସହ କ୍ଷତିପୂରଣ ଓ କ୍ଷମାପ୍ରାର୍ଥନା ପାଇଁ ଦାବି କରିବା ଉଚିତ୍ ବୋଲି ସେ କହିଛନ୍ତି । ପୂର୍ବତନ ସେନା ଅଧିକାରୀ ଜି.ଡି. ବକ୍ସି କହିଛନ୍ତି, ‘ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ନିଜ ଦେଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରିସାରିଛନ୍ତି । ଏବେ ସେ ନିରୀହ ଭାରତୀୟ ନାବିକଙ୍କୁ ଆକ୍ରମଣ କରି ସେମାନଙ୍କ ଜୀବନ ନେବା ଆରମ୍ଭ କରିଛନ୍ତି, ଯାହା ଆଦୌ ଗ୍ରହଣୀୟ ନୁହେଁ । ଭାରତୀୟ ନୌସେନା ଏବେ ୟୁକ୍ରେନର ମର୍ଚାଂଟ ଶିପ୍ ଉପରେ ସିଧାସଳଖ ଆକ୍ରମଣ କରିବା ଉଚିତ୍ ।‘ ସେ ଆହୁରି ମଧ୍ୟ କହିଛନ୍ତି ଯେ, ‘ରୁଷ ଏପର୍ଯ୍ୟନ୍ତ ୟୁକ୍ରେନର ମୁର୍ଖ ଆଚରଣକୁ କାହିଁକି ସହ୍ୟ କରୁଛି ଓ କାହିଁକି କଡ଼ା ଜବାବ ଦେଉନାହିଁ, ତାହା ବୁଝାପଡୁନାହିଁ ।‘ ଗତ ସପ୍ତାହରେ କଳା ସାଗରର ରୁଷୀୟ ଜଳସୀମା ଦେଇ ଗତି କରୁଥିବା ’ଏମଭି ଓମୋରଫି’ ନାମକ ଏକ ବ୍ୟବସାୟିକ ଜାହାଜ ଉପରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରିଥିଲା, ଯେଉଁଥିରେ ଜଣେ ଭାରତୀୟ ନାବିକଙ୍କ ଜୀବନ ଯାଇଛି । ଏହି ଘଟଣା ପରେ ଭାରତ ସରକାର ସୋମବାର ଦିନ ୟୁକ୍ରେନର ରାଷ୍ଟ୍ରଦୂତ ଓଲେକ୍ସାଣ୍ଡର ପୁଲିସଚୁକଙ୍କୁ ସମନ୍ କରି କଡ଼ା ବିରୋଧ ଜାହିର କରିଛନ୍ତି । ଏଭଳି ଆକ୍ରମଣ ଆନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ଓ ବିଶ୍ୱ ବାଣିଜ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି ବୋଲି ଭାରତ ଚେତାବନୀ ଦେଇଛି । ଏହା ପୂର୍ବରୁ ଜୁଲାଇ ୧୯ ତାରିଖରେ ୟୁକ୍ରେନର ଓଡେସା ପୋର୍ଟରୁ ବାହାରିଥିବା ’ଏମଭି ଗୋଲ୍ଡ ଲିଓ’ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ୪ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା । କଳା ସାଗରରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଆକ୍ରମଣ ଓ ୫ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏକ ଆଡଭାଇଜରୀ ଜାରି କରିଛି । କଳା ସାଗର ଦେଇ ଯାଉଥିବା ଜାହାଜଗୁଡ଼ିକରେ ଚାକିରି କରିବାକୁ ଚାହୁଁଥିବା ଭାରତୀୟ ନାଗରିକମାନେ ଅଫର ଗ୍ରହଣ କରିବା ପୂର୍ବରୁ ସୁରକ୍ଷା ସମ୍ବନ୍ଧୀୟ ବିପଦକୁ ଭଲ ଭାବରେ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।

# ରାଜ୍ୟରେ ଲଗାଣ ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ

## ମହାନଦୀ ଅବବାହିକାରେ ବନ୍ୟା ଆଶଙ୍କା ନାହିଁ କହିଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୨୮/୭(ନି/ପ୍ର): ଗଭୀର ଅବପାତ ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି । ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ତଳିଆ ଅଚଂଳରେ ପାଣି ପଶିଯିବାରୁ ବନ୍ୟାସ୍ଥିତି ଉପୁଜିଛି । ତେବେ ଏହାର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଯାହାକୁ ନେଇ ବଡ଼ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ ପ୍ରେସ୍ ମିଟ୍‌ରେ କହିଛନ୍ତି ଏବେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ବିଭିନ୍ନ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଗତ ୨୪ ଘଟାଂରେ ହାରାହାରି ୪୭.୨ ମିମି ବର୍ଷା ହୋଇଛି । ଯାହାକି ସ୍ୱାଭାବିକ ଠାରୁ ଅଧିକ , ୮ଟି ବ୍ଲକରେ ୨୦୦ ମିମିରୁ ଅଧିକ ବର୍ଷା । ହୀରାକୁଦ ଡ୍ୟାମ ମାତ୍ର ୨ଟି ଗେଟ୍ ଖୋଲା ଅଛି । ନରାଜରେ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ । ଯାହା ଚିନ୍ତାର କାରଣ ନାହିଁ । ଜଳକା ଛାଡ଼ିଦେଲେ ମହାନଦୀ, ବୈତରଣୀ, ସାଳନ୍ଦୀ ବିପଦ ସଙ୍କେତ ତଳେ ରହିଛି । ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକରେ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ମୁତୟନ ହୋଇଛନ୍ତି । ତଳିଆ ଅଚଂଳ ଓ ବନ୍ୟା ପ୍ରଭାବିତ ଅଚଂଳରେ ସ୍ଥାନାନ୍ତର ଆରମ୍ଭ ହୋଇଗଲାଣି । ଏଥିସହିତ ବନ୍ୟା ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ବଟଂନ ହେଉଛି ।

## ଭୁବନେଶ୍ୱରରେ ସମ୍ବଲପୁର ଲୋକସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନ, ବିମାନବନ୍ଦରରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର,୨୮/୭(ନି/ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନ ଆଜି ଭୁବନେଶ୍ୱରରେ ପହଚିଂଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ ଦିଆଯାଇଥିଲା । ତାଙ୍କ ଆଗମନ ପୂର୍ବରୁ ବିମାନବନ୍ଦର ବାହାରେ ବହୁ ସଂଖ୍ୟକ ବିଜେପି କର୍ମୀ ଓ ସମର୍ଥକ ଏକତ୍ରିତ ହୋଇଥିଲେ । ବିଜେପିର ବହୁ ବିଧାୟକ ଓ ବରିଷ୍ଠନେତାମାନେ ମଧ୍ୟ ସେଠାରେ ଉପସ୍ଥିତ ରହି ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ବିଧାୟକ ଅମର ନାୟକ, ଟଙ୍କଧର ତ୍ରିପାଠୀ, ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା ଗୋଲକ ମହାପାତ୍ର ପ୍ରମୁଖଙ୍କୁ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା । ଧର୍ମେନ୍ଦ୍ର ପ୍ରଧାନ ବିମାନବନ୍ଦରରୁ ବାହାରିବା ସମୟରେ କର୍ମୀମାନେ ଜିନ୍ଦାବାଦ ସ୍ଲୋଗାନ ଦେବା ସହ ତାଙ୍କୁ ଫୁଲମାଳ ପିନ୍ଧାଇ ଅଭିନନ୍ଦନ ଜଣାଇଥିଲେ । ବିମାନବନ୍ଦର ପରିସରରେ କିଛି ସମୟ ପାଇଁ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

## ତଦନ୍ତ କମିସନ ଫାଇଲ ହଜିବା ମାମଲା ; କ୍ରାଇମବ୍ରାଂଚ ତଦନ୍ତକୁ କଂଗ୍ରେସର ସମାଲୋଚନା



ଭୁବନେଶ୍ୱର,୨୮/୭ : ତଦନ୍ତ କମିସନଙ୍କ ଗୁରୁତ୍ୱପୂର୍ଣ୍ଣ ଫାଇଲ ହଜିବା ଘଟଣାରେ ରାଜ୍ୟ ସରକାରଙ୍କ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଏହି ତଦନ୍ତକୁ ମଧ୍ୟ ସମାଲୋଚନା କରିଛନ୍ତି । ସାଲୁଜା ଅଭିଯୋଗ କରିଛନ୍ତି ଯେ, ସରକାର ପ୍ରକୃତରେ ଚାହୁନାହାନ୍ତି ଯେ ତଦନ୍ତ କମିସନ ରିପୋର୍ଟ ଲୋକଲୋଚନକୁ ଆସୁ । ପୂର୍ବରୁ କ୍ୟାପିଟାଲ ଥାନା ପକ୍ଷରୁ ବରିଷ୍ଠ ଅଧିକାରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ସମନ କରାଯାଇଥିଲା । ଏହି ସ୍ଥିତିରେ ସମସ୍ତେ ଭାବୁଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସମନ କରାଯାଇପାରେ । କିନ୍ତୁ ହଠାତ୍ ମାମଲାକୁ କ୍ରାଇମବ୍ରାଂଚ ହାତକୁ ଟେକିଦେବା ସନ୍ଦେହ ସୃଷ୍ଟି କରୁଛି । ସାଲୁଜା କହିଛନ୍ତି, ‘ସରକାର ତଦନ୍ତକୁ କୋଲ୍ଡ ଷ୍ଟୋରେଜକୁ ପଠାଇବା ପାଇଁ ଯୋଜନା କରିଛନ୍ତି ।

# ଲଗାଣ ବର୍ଷାର ପ୍ରଭାବ

## ଆକାଶଛୁଆଁ ପରିବା ଦରରେ ଗ୍ରାହକ ହନ୍ତସନ୍ତ



ଭୂବନେଶ୍ୱର,୨୮/୭(ନି/ପ୍ର): ବର୍ଷା ପାଇଁ ଆକାଶଛୁଆଁ ପରିବା ଦର । ସାରା ରାଜ୍ୟରେ ପରିବା ଦର ଏବେ ହୁ ହୁ ହୋଇ ବଢ଼ିବାରେ ଲାଗିଛି । କଟକ, ଭୁବନେଶ୍ୱର ସମେତ ବ୍ରହ୍ମପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା ଆଦି ବିଭିନ୍ନ ସ୍ଥାନରେ ଚଢ଼ା ଦରରେ ବିକ୍ରି ହେଉଛି ବିଭିନ୍ନ ପନି ପରିବା । ଅଧିକାଂଶ ପରିବା ୬୦ରୁ ୮୦ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି । ବାଇଗଣ ୬୦ରୁ ୮୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପୋଟଳ ୬୦ ଟଙ୍କା, କାଙ୍କଡ଼ ୭୦ରୁ ୮୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, ବିମ୍ସ ୧୨୦ ଟଙ୍କା, କୁନ୍ଦୁରି ୪୦ରୁ ୫୦ ଟଙ୍କା, ଟମାଟୋ ୫୦ ଟଙ୍କା କଲରା ୬୦ ଟଙ୍କା, ଫୁଲ କୋବି ଗୋଟା ୭୦ ଟଙ୍କା ଦରରେ ବିକ୍ରି ହେଉଛି । ଫଳରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ପରିବା କିଣିବାକୁ ଏବେ ଗ୍ରାହକ ଡରୁଛନ୍ତି । ବାଇଗଣ କିଲୋ ୭୦ ଟଙ୍କା, ପୋଟଳ କିଲୋ ୬୦ ଟଙ୍କା, ଭେଣ୍ଡି କିଲୋ ୬୦ ଟଙ୍କା, କାଙ୍କଡ଼ କିଲୋ ୬୫ ଟଙ୍କା, କଂଚା ଲଂକା କିଲୋ ୧୦୦ ଟଙ୍କା, ବିଲାତି କିଲୋ ୪୦ ଟଙ୍କା ,କୁନ୍ଦୁରି କିଲୋ ୪୫ ଟଙ୍କା, ଫୁଲ କୋବି ଗୋଟିକ ୭୦ ଟଙ୍କା, କଖାରୁ କିଲୋ ୨୫ ଟଙ୍କା, କଲରା କିଲୋ ୬୦ ଟଙ୍କା , ଗାଜର କିଲୋ ୪୦ ଟଙ୍କା , ବିମ୍ - କିଲୋ ୧୨୦, ସାରୁ କିଲୋ ୩୦ ଟଙ୍କା ପରିବା ଦର ରହିଛି ।

## ସ୍ଥଳଭାଗମୁହାଁ ଅବପାତ ; ଦୁଇ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୮/୭(ନି/ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଏବେ ସମୁଦ୍ରରେ ବାଲେଶ୍ୱରଠାରୁ ୧୨୦ କିମି ଦୂରରେ ରହିଛି । ଆସନ୍ତାକାଲି ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାରେ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ଥିବାରୁ ଦୁଇ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ସମ୍ଭାବନା ଅଛି । ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ୨୯ଯାଏ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ଆସନ୍ତା ୩୧ ଯାଏ ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣି ଦିଆଯାଇ ଥିବାରୁ ଅଧିକ ବର୍ଷା ହୋଇପାରେ । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗୀରରେ ପବନ ସହିତ ବର୍ଷା ସମ୍ଭାବନା ଥିବାରୁ ୟେଲୋ ଓ୍ୱାର୍ଣ୍ଣି ଜାରି ହୋଇଛି । ଅଗଷ୍ଟ ୩ ତାରିଖ ଯାଏ ଅଧିକାଂଶ ଜିଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି । ସୋମବାର ସଂଧ୍ୟା ୫ଟା ୩୦ ସୁଧା ? କେନ୍ଦ୍ରାପଡ଼ାରେ ସର୍ବାଧିକ ୧୫୫ମିଲିମିଟର ବର୍ଷା ରେକର୍ଡ କରାଯାଇ ଥିବା ବେଳେ ପୁରୀରେ ୧୫୦ ମିମି, ସୁବର୍ଣ୍ଣପୁରରେ ୧୩୬ ମିମି, ପାରାଦ୍ୱୀରେ ୮୭ ମିମି, ଭବାନୀପାଟଣାରେ ୭୨ ମିମି, କୋରାପୁଟରେ ୭୭ ମିମି, ରାୟଗଡ଼ାରେ ୫୭ ମିମି, ଯାଜପୁରରେ ୭୨ ମିମି, ଖୋରଧାରେ ୬୪ ମିମି, ଢ଼େଙ୍କାନାଳରେ ୭୦ ମିମି, ବଲାଙ୍ଗିରରେ ୪୭ ମିମି ବର୍ଷା ରେକର୍ଡ କରାଯାଇଛି ।

# ପ୍ରବଳ ବର୍ଷା ଆଶଙ୍କାରେ ଉତରାଖଣ୍ଡର ୫ ଜିଲ୍ଲାରେ ସ୍କୁଲ ବନ୍ଦ :

## ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ସତର୍କତା ଜାରି



ଡେରାଡୁନ୍,୨୮/୭ :ଉତରାଖଣ୍ଡରେ ସୋମବାର ରାତିରୁ ଚାଲିଥିବା ଅବିରାମ ବର୍ଷା ଓ ପ୍ରତିକୂଳ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବୁଧବାର ରାଜ୍ୟର ୫ଟି ଜିଲ୍ଲାରେ ସମସ୍ତ ସ୍କୁଲ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଲଗାଣ ବର୍ଷା ଯୋଗୁଁ ଉନ୍ନରକାଶୀ ଜିଲ୍ଲାର ଜାନକୀଚଟ୍ଟୀ-ଯମୁନୋତ୍ରୀ ପଦଯାତ୍ରା ପଥର ରାମମନ୍ଦିର ନିକଟରେ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ପ୍ରାୟ ୨୫ ରୁ ୩୦ ମିଟର ରାସ୍ତା ୨ ରୁ ୨.୫ ମିଟର ପର୍ଯ୍ୟନ୍ତ ତଳକୁ ଧସିଯାଇ ସମ୍ପୂର୍ଣ୍ଣ ବିପଜ୍ଜନକ ହୋଇପଡ଼ିଛି । ଏହି କ୍ଷତିଗ୍ରସ୍ତ ପଥ ଦେଇ ଯାତାୟାତ ଅସୁରକ୍ଷିତ ହୋଇଥିବାରୁ ପ୍ରଶାସନ ପକ୍ଷରୁ ବିକଳ୍ପ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବା ବେଳେ ଶ୍ରଦ୍ଧାଳୁମାନଙ୍କୁ ସେହି ସ୍ଥାନ ଦେଇ ନଯିବାକୁ ପରାମର୍ଶ ଦିଆଯାଇଛି । ସେପଟେ ପାଣିପାଗ ବିଭାଗ (ଆଇଏମଡି) ଉନ୍ନରକାଶୀ, ଡେରାଡୁନ୍, ଟେହେରୀ, ରୁଦ୍ରପ୍ରୟାଗ, ଚାମୋଲୀ, ବାଗେଶ୍ୱର, ନୈନିତାଲ୍ ଏବଂ ପିଥୋରାଗଡ଼ ଭଳି ଜିଲ୍ଲାଗୁଡ଼ିକ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ଅରେଞ୍ଜ ଆଲର୍ଟ ଜାରି କରିବା ସହ ଆଗାମୀ ୨୪ ଘ[। ମଧ୍ୟରେ ଆଲମୋଡ଼ା, ଚମ୍ପାଓ୍ୱତ, ପୌଡ଼ି ପ୍ରଭୃତି ବିଭିନ୍ନ ପାହାଡ଼ିଆ ଅଚଂଳରେ ହଠାତ୍ ବନ୍ୟା ଏବଂ ଭୂସ୍ଖଳନର ଆଶଙ୍କା ନେଇ ସତର୍କ ସୂଚନା ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଆପଦା ପ୍ରବନ୍ଧନ ବିଭାଗ ପକ୍ଷରୁ ସାଧାରଣ ନାଗରିକ ଏବଂ ଚାରିଧାମ ତୀର୍ଥଯାତ୍ରୀମାନଙ୍କୁ ଅନାବଶ୍ୟକ ଯାତ୍ରାରୁ ନିବୃନ ରହିବା ସହ ସରକାରୀ ସୂଚନା ନିୟମିତ ପାଳନ କରିବାକୁ ଅନୁରୋଧ କରାଯାଇଛି ।

## ବିକ୍ରମ-୧ର ସଫଳତା ପରେ ସ୍କାଇରୁଟ୍ ଟିମ୍ ସହ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୨୮/୭: ଭାରତର ବେସରକାରୀ ମହାକାଶ କ୍ଷେତ୍ର ପାଇଁ ଐତିହାସିକ ସଫଳତା । ବିକ୍ରମ-୧ ରକେଟର ସଫଳତା ପରେ ସ୍କାଇରୁଟ୍ ଏରୋସ୍ପେସର ପ୍ରତିଷ୍ଠାତାଙ୍କ ସହ ସାକ୍ଷାତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସଫଳତାକୁ ଭାରତର ବୈଜ୍ଞାନିକ କ୍ଷମତା ଓ ବେସରକାରୀ ମହାକାଶ କ୍ଷେତ୍ରର ବୃଦ୍ଧିର ପ୍ରତୀକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଇରୁଟ୍ ଏରୋସ୍ପେସର ସହ-ପ୍ରତିଷ୍ଠାତା ପବନ ଚନ୍ଦନା ଓ ନାଗା ଭରତ ଡାକାଙ୍କ ସହ ଆଲୋଚନା କରିଥିଲେ । ବିକ୍ରମ-୧ ମିଶନର ସଫଳତା ପାଇଁ ସମଗ୍ର ଟିମ୍‌କୁ ସେ ଅଭିନନ୍ଦନ ଜଣାଇବା ସହ ଏହା ଭାରତର ମହାକାଶ ଯାତ୍ରାରେ ଏକ ନୂଆ ଅଧ୍ୟାୟ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ବେସରକାରି ମହାକାଶ କ୍ଷେତ୍ର ଦ୍ରୁତ ଗତିରେ ଆଗକୁ ବଢ଼ୁଛି ଏବଂ ଏହି ସଫଳତା ଯୁବ ଉଦ୍ୟୋଗୀ ଓ ବୈଜ୍ଞାନିକମାନଙ୍କ ପାଇଁ



ନୂଆ ପ୍ରେରଣା ସୃଷ୍ଟି କରିବ । ସ୍କାଇରୁଟ୍ ପରି ଷ୍ଟାର୍ଟଅପ୍‌ମାନେ ଭାରତକୁ ବିଶ୍ୱ ମହାକାଶ ବଜାରରେ ଆହୁରି ସଶକ୍ତ ସ୍ଥାନ ଦେବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି । ବିକ୍ରମ-୧ ରକେଟର ସଫଳତା ଭାରତର ବେସରକାରି ମହାକାଶ ଶିଳ୍ପ ପାଇଁ ଏକ ବଡ଼ ମାଇଲଖୁଂଟ । ଏହା ପରେ ଛୋଟ ଉପଗ୍ରହ ଉତକ୍ଷେପଣ ବଜାରରେ ଭାରତର ସ୍ଥିତି ଆହୁରି ମଜବୁତ ହେବ ବୋଲି ବିଶେଷଜ୍ଞମାନେ ଆଶା କରୁଛନ୍ତି । ସରକାରୀ ସହଯୋଗ ଏବଂ ବେସରକାରି ଉଦ୍ୟମର ମିଳିତ ପ୍ରୟାସରେ ଭାରତର ମହାକାଶ କ୍ଷେତ୍ର ଏବେ ନୂଆ ଉଚ୍ଚତାକୁ ଛୁଁଉଛି ।

# ୨୦ ମିଟର ଗଭୀର ଖାଇକୁ ଖସିଲା ତୀର୍ଥଯାତ୍ରୀ ବସ୍ :

## ୫୦ ଜଣଙ୍କ ଜୀବନ ବଚାଂଇଲେ ଯବାନ



ଶ୍ରୀନଗର,୨୮/୭: ଜମ୍ମୁ ଓ କାଶ୍ମୀରର ଗାନ୍ଦରବଲ୍ ଜିଲ୍ଲାରେ ମଙ୍ଗଳବାର ଭୋର୍ ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଅମରନାଥ ଯାତ୍ରାରୁ ଫେରୁଥିବା ପ୍ରାୟ ୫୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ୨୦ ମିଟର ଗଭୀର ଖାଇକୁ ଖସି ପଡ଼ିଛି । ତୀର୍ଥଯାତ୍ରୀମାନେ ବାଲତାଲ୍ ରୁ ଶ୍ରୀନଗର ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ସୌଭାଗ୍ୟବଶତଃ, ଘଟଣାସ୍ଥଳରେ ସୁରକ୍ଷା ବାହିନୀଙ୍କ ତୁରନ୍ତ ଉଦ୍ଧାର କାର୍ଯ୍ୟ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇ ପାରିଛି । ପ୍ରଶାସନ ଅନୁଯାୟୀ, ବସ୍ ନମ୍ବର ଏଆର-୧୧ ଡି-୫୬୫୫ ଭୋର୍ ପ୍ରାୟ ସାଢ଼େ ୫ଟା ସମୟରେ ହରିଗାନିଓ୍ୱାନ ନିକଟସ୍ଥ ଏସ୍-ଟର୍ଣ୍ଣରେ ପହଚିଂଥିଲା । ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ରାସ୍ତାରୁ ଓଲଟି ସିନ୍ଧ ନଦୀ କୂଳରେ ଏକ ଗଭୀର ଖାଇରେ ପଡ଼ିଯାଇଥିଲା । ନିକଟରେ ମୁତୟନ ଥିବା ସୁରକ୍ଷା ବାହିନୀ ତୁରନ୍ତ ଉଦ୍ଧାର କାର୍ଯ୍ୟେ ଆରମ୍ଭ କରିଥିଲେ । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ,ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ (ଆଇଟିବିପି) ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସଫୋର୍ସ( ସିଆରପିଏଫ)କର୍ମଚାରୀମାନେ ଘଟଣାସ୍ଥଳରେ ପହଚିଂ ବିଳମ୍ବ ନକରି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆହତ ତୀର୍ଥଯାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ କାଙ୍ଗନର ଉପ-ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

### ଜାପାନରେ ଶକ୍ତିଶାଳୀ ଭୂମିକମ୍ପ ଝଟ୍‌କା

ନୂଆଦିଲ୍ଲୀ, ୨୮/୭ : ଜାପାନରେ ଶକ୍ତିଶାଳୀ ଭୂମିକମ୍ପ ଝଟକା । କ୍ୟୁସୁରେ ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ରେକର୍ଡ କରାଯାଇଛି । ଭୂମିକମ୍ପ ପରେ ସୁନାମୀ ଆଲର୍ଟ ଜାରି କରାଯାଇଛି । ସମୁଦ୍ର ତଟବର୍ତୀ ଅଚଂଳର ଲୋକମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ଜାପାନ ପାଣିପାଗ ସଂସ୍ଥା ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଭୂମିକମ୍ପ ପରେ ଜାପାନରେ ସୁନାମୀ ଆଲର୍ଟଜାରି ହୋଇଛି । ସମୁଦ୍ରରେ ଏକ ମିଟର ଉଚ୍ଚ ଜୁଆର ଉଠିବାର ସମ୍ଭାବନା ରହିଛି । ଜାପାନ ସରକାର ଦକ୍ଷିଣ କ୍ୟୁସୁ ଦ୍ୱୀପର କୁମାମୋଟୋ, ନାଗାସାକି, କାଗୋସିମା, ଫୁକୁଓକା, ସାଗା, ଓଇତା ଏବଂ ମିୟାଜାକି ପ୍ରାନ୍ତରେ ଜରୁରୀକାଳୀନ ଭୂମିକମ୍ପ ଆଲର୍ଟ ଜାରି କରିଛନ୍ତି ।

# ‘ହାଉ ଟୁ କିଲ୍ ମେଲାନିଆ ଟ୍ରମ୍ପ’ :

## ଟ୍ରମ୍ପଙ୍କ ପରିବାର ଉପରେ ଇରାନର ନଜର



ଓ୍ୱାସିଂଟନ,୨୮/୭ :ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉନ୍ତେଜନା ମଧ୍ୟରେ, ଏକ ଭୟଙ୍କର ଏବଂ ଚାଂଚଲ୍ୟକର ଇରାନୀ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପତ୍ନୀ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ସେମାନଙ୍କର ୨୦ ବର୍ଷୀୟ ପୁଅ ବାରୋନ ଟ୍ରମ୍ପଙ୍କୁ ଟାର୍ଗେଟ କରାଯାଇଛି । ‘ହାଉ ଟୁ କିଲ୍ ମେଲାନିଆ ଟ୍ରମ୍ପ’ ଶୀର୍ଷକ ଏହି ଭିଡିଓଟି ଇରାନୀ ସମର୍ଥକମାନଙ୍କୁ ମେଲାନିଆଙ୍କୁ ହତ୍ୟା କରିବା ପାଇଁ ଉସୁକାଯାଇଛି । ଭିଡିଓରେ ମେଲାନିଆଙ୍କ ମୋଟରକାର୍ଡ ଏବଂ ନ୍ୟୁୟର୍କ ସହରରେ ସେ ପ୍ରାୟତଃ ଯାଉଥିବା ସ୍ଥାନଗୁଡ଼ିକର ଚିତ୍ର ଦେଖାଯାଇଛି, ଯେଉଁଥିରେ ତାଙ୍କ ପ୍ରିୟ ଡିଜାଇନର୍ ଷ୍ଟୋରଗୁଡ଼ିକର ନାମ ମଧ୍ୟ ଅନ୍ତର୍ଭୁକ୍ତ ରହିଛି ।ଏହା ସହିତ, ଭିଡିଓଟି ସୂଚାଇ ଦେଉଛି ଯେ, ମେଲାନିଆ କିଣୁଥିବା ପୋଷାକଗୁଡ଼ିକ ବିପଦପୂର୍ଣ୍ଣ ବିଷାକ୍ତ ରାସାୟନିକ ପଦାର୍ଥ ଦ୍ୱାରା ଦୂଷିତ ହୋଇପାରେ । ଭିଡିଓରେ ଟ୍ରମ୍ପଙ୍କ ୨୦ ବର୍ଷୀୟ ପୁଅ ବାରୋନ ଟ୍ରମ୍ପଙ୍କୁ ଧମକ ଦେଇ କୁହାଯାଇଛି,ଏହା କେବଳ ଆରମ୍ଭ । ବାରୋନ ଟ୍ରମ୍ପ,ଆମକୁ ଅପେକ୍ଷା କର । ଇରାନ ଲଗାତାର ଟ୍ରମ୍ପ ପରିବାରକୁ ଟାର୍ଗେଟ କରିଆସୁଛି । ଗତ ସପ୍ତାହରେ, ରାଷ୍ଟ୍ରପତି ଟ୍ରମ୍ପ ଏବଂ ତାଙ୍କ ସମସ୍ତ ପିଲା ଡନ୍ ଜୁନିଅର, ଇଭାଙ୍କା, ଏରିକ୍, ଟିଫାନି ଏବଂ ବାରୋନଙ୍କ ମୃତ୍ୟୁ ଦାବି କରି ତେହେରାନରେ ବଡ଼ ବଡ଼ ବିଲବୋର୍ଡ ଲଗାଯାଇଥିଲା । ପୋଷ୍ଟରରେ ଲେଖାଥିଲା,‘ରକ୍ତ ବଦଳରେ ରକ୍ତ’ । ବିପଦକୁ ଦୃଷ୍ଟିରେ ରଖି, ପ୍ରଥମ ମହିଳା ମେଲାନିଆ ଏବଂ ବାରୋନ ଟ୍ରମ୍ପଙ୍କୁ ୨୪ ଘଟିଂଆ ସିକ୍ରେଟ ସର୍ଭିସ୍ ସୁରକ୍ଷା ଦିଆଯାଇଛି । ହ୍ୱାଇଟ୍ ହାଉସ୍, ନ୍ୟୁୟର୍କର ଟ୍ରମ୍ପ ଟାଓ୍ୱାର, ନ୍ୟୁ ଜର୍ସିର ବେଡମିନିଷ୍ଟର ଗଲ୍ଫ କ୍ଲବ୍ ଏବଂ ଫ୍ଲୋରିଡାର ମାର-ଏ-ଲାଗୋ ଇଷ୍ଟେଟ୍ ସମେତ ଟ୍ରମ୍ପ ପରିବାରର ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ସମୟରେ କେବଳ ଟ୍ରମ୍ପ ପରିବାର ନୁହେଁ ବରଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଲଗାତାର ବିପଦର ସମ୍ମୁଖୀନ ହେଉଛନ୍ତି । ସମ୍ପ୍ରତି ତୁର୍କୀରେ ଏକ ନାଟୋ ବୈଠକ ସମୟରେ, ସୁରକ୍ଷା ବିପଦ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ତାଙ୍କର ନୂତନ ଏୟାର ଫୋର୍ସ ଓ୍ୱାନ୍ ବିମାନ ପରିତ୍ୟାଗ କରି ଏକ ପୁରୁଣା ମଡେଲ ବିମାନରେ ଯାତ୍ରା କରିବାକୁ ପଡିଥିଲା ।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

## କେନ୍ଦୁଝର ଜିଲ୍ଲା ତୈଳିକବୈଶ୍ୟ ସମାଜର ସାଧାରଣ ବୈଠକ



କେନ୍ଦୁଝର,୨୮/୭(ନି/ପ୍ର): ରବିବାର ଦିନ ତୈଳିକବୈଶ୍ୟ ସମାଜ କଲ୍ୟାଣମଣ୍ଡପ ରେ ସମାଜର ୧୪ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ସମ୍ପନ୍ନ ହୋଇଯାଇଛି, ଦେବ ବନ୍ଦନା ପରେ ଗତ ଚାରିବର୍ଷ ମଧ୍ୟରେ ଦିବଂଗତ ହୋଇଥିବା ସଦସ୍ୟ ମାନଙ୍କ ଅମରାତ୍ମା ର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ସଭାପତି ଡ଼ଃ ଜଗଦୀଶ ପ୍ରସାଦ ସାହୁ ଙ୍କ ଅଧ୍ୟକ୍ଷତା ରେ ବୈଠକ ଆରମ୍ଭ ହୋଇଥିଲା, ସମ୍ପାଦକ ପ୍ରଭାକର ବେହେରା ସଂଗଠନ ର କାର୍ଯ୍ୟକ୍ରମ ଓ ପ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ, କୋଷାଧକ୍ଷ ମାୟାଧର ସାହୁ ବିଗତ ବର୍ଷ ର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ,, ସମାଜର ୧୨ଜଣ ବୟୋଜ୍ୟେଷ୍ଠ ସଦସ୍ୟ ଙ୍କ ଉନ୍ନମ ସ୍ୱାସ୍ଥ୍ୟ କାମନା କରାଯିବା ସହିତ ଉତ୍ତରୀୟ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା, କାର୍ଯ୍ୟକ୍ରମକୁ ଅମରବର ଖଟୁଆଓ ଭରତ ସାହୁ ପରିଚାଳନା କରିଥିଲେ, ନିର୍ବାଚନ ଅଧିକାରୀ ସନ୍ଦୀପ କୁମାର ବେହେରା ନିର୍ବାଚନ କାର୍ଯ୍ୟ ପରିଚାଳନା କରି ନୂତନ ପରିଷଦ ର ନିର୍ବାଚିତ ପ୍ରତିନିଧିଙ୍କ ନାମ ଘୋଷଣା କରିଥିଲେ, ବସନ୍ତ କୁମାର ସାହୁ ସଭାପତି, ବିଜୟ କୁମାର ବେହେରା, ଭରତଚନ୍ଦ୍ର ସାହୁ, ସୁଶୀଲ କୁମାର ସାହୁ ଉପସଭାପତି, ମାୟାଧର ସାହୁ ସମ୍ପାଦକ, ପଦ୍ମଲୋଚନ ସାହୁ, ନାରାୟଣ ସାହୁ, ଭାଗିରଥି ସାହୁ, ସହ ସମ୍ପାଦକ, ପ୍ରଭାକର ବେହେରା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି, ଶେଷରେ ମାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ ଜନ୍ମଦିନରେ ବୃକ୍ଷରୋପଣ



କେନ୍ଦୁଝର,୨୮/୭(ନି/ପ୍ର): ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ମହେଶ୍ୱର ସାହୁ ଆଜି ତାଙ୍କର ୬୭ ତମ ଜନ୍ମଦିନ ଆନନ୍ଦପୁର ପଂଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କରି ପାଳିଛନ୍ତି। ବଉଳ ଗଛ,ଆମ୍ବ, ପଣସ, ଅଁଳା, ଡାଳିମ୍ବ ପ୍ରଭୃତି ଗଛ ଆଜି ରୋପଣ କରାଯାଇଥିଲା । ପରେ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟ ସଭାଗୃହ ଠାରେ ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଜନ୍ମ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମ୍ବାଦିକ, ଓକିଲ, ବୁଦ୍ଧିଜୀବୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ବିଜେପି କୃଷକ ମୋର୍ଚ୍ଚା ର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ,ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଶଙ୍କର୍ଷଣ ଜେନା, ହେମନ୍ତ କୁମାର ମଲ୍ଲିକ, ପବିତ୍ର ବେହେରା, ବିନୋଦ କୁମାର ଦାସ, ଝାନସୀରାଣୀ ଦାସ, ସୁଦର୍ଶନ ବଲ, ଯଜ୍ଞ ପ୍ରସାଦ ସାହୁ, ସୁଶୀଲ କୁମାର ହୋତା, ଦୀଲିପ କୁମାର ସିଂ, ଅଜୟ କୁମାର ହୋତା, ଦେବରଂଜନ ସାହୁ, ପ୍ରସନ୍ନ କୁମାର ମିଶ୍ର, ଅଶୋକ କୁମାର ରାଉତ, ସରୋଜ କୁମାର ସାହୁ, ଭଗବାନ ମହାରଣା, ମଳୟ ପଣ୍ଡା, କୋଦାର ସାମଲ, ନରେନ୍ଦ୍ର ରାଉତ, ପ୍ରୋମାନନ୍ଦ ମିଶ୍ର, କୈଳାସ ଚନ୍ଦ୍ର ସାମଲ, ନିରଞ୍ଜନ ପାଣିଗ୍ରାହୀ, ପ୍ରାଣବନ୍ଧୁ ସାହୁ, କୈଳାସ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ସାହୁ, ନିରାକାର ଦଲେଇ, ଅନନ୍ତ ବାରିକ ଶରତ ପାତ୍ର, ଯଶୋବନ୍ତ ଦାସ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

## ସାଇ ଗାୟତ୍ରୀ ପରିବାର ପକ୍ଷରୁ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଂଟନ

ଜୟପୁର,୨୮/୭(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ପକ୍ଷରୁ ଗରିବ ମାଟ୍ରିକ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରାଯାଇଛି । ବରିଷ୍ଠ ଆଇନଜୀବୀ ତଥା ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀଙ୍କ ବାସଭବନ ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜୟପୁର ଡିଆଇଇଟି ଅଧ୍ୟକ୍ଷା ମମତା ଝଡ଼ିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏପିଡି ଗୌରୀ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ, ଶିକ୍ଷାବିତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ ।ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ସାଇ ଗାୟତ୍ରୀ ପରିବାର ୨୦୧୧ ପ୍ରତିଷ୍ଠା କରାଯାଇଥିଲା । ଆଧ୍ୟାତ୍ମ, ସେବା ଓ ରାଷ୍ଟ୍ରବାଦ ହେଉଛି ସାଇ ଗାୟତ୍ରୀ ପରିବାରର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ । ବିଭିନ୍ନ ସମୟରେ ଗରିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା, ଦିବ୍ୟାଙ୍ଗଙ୍କୁ ଉପକରଣ ପ୍ରଦାନ କରିବା ସହ ଅନ୍ୟାନ୍ୟ ସେବାରେ ସାଇ ଗାୟତ୍ରୀ ପରିବାର ଜଡିତ । ଆଜି ବୋରିଗୁମ୍ମା ବ୍ଲକ ର ଗରୀବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରାଯିବ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଡିଆଇଇଟିର ଅଧ୍ୟକ୍ଷା ମମତା ଝଡ଼ିଆ କହିଥିଲେ ଯେ ସାଇ ଗାୟତ୍ରୀ ପରିବାର ପକ୍ଷରୁ ଏହିପରି ସେବାଙ୍କୁ ସେ ସମ୍ମାନ କରନ୍ତି । ଗରିବ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ ଏକ ମହାନ ସେବା ବୋଲି କହିଥିଲେ । ପରେ ଅତିଥି ମାନେ ବ୍ଲକ ୩୧ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ରୁ ଆସିଥିବା ୭୦ ଜଣ ଗରୀବ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରିଥିଲେ । ମାନସ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଇ ଗାୟତ୍ରୀ ପରିବାର ର ଲାଲୁ ଷଡଙ୍ଗୀଙ୍କ ସହଧର୍ମିଣୀ ଗୀତାଞ୍ଜଳି ମିଶ୍ର, ବିଜୟ ନାରାୟଣ ସାହୁ, ମୁନା ଦୋରା, ରଞ୍ଜନ କୁମାର ମିଶ୍ର, ଜି ମୋହନ ଦୋରା, ଟିଂଟୁ ପାଣିଗ୍ରାହୀ, ବୃନ୍ଦାବନ ପଣ୍ଡା,ଆନନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

## ଏଆଇଟିୟୁସିର ପ୍ରଥମ ଜିଲ୍ଲା ସମ୍ମିଳନୀ

ଜୟପୁର,୨୮/୭(ନି/ପ୍ର): ଏଆଇଟିୟୁସି ର ପ୍ରଥମ ଜିଲ୍ଲା ସମ୍ମିଳନୀ ଶ୍ରମିକ କର୍ମଚାରୀ ଭବନ ସମ୍ମୁଖରେ ବୟୋଜ୍ୟେଷ୍ଠ ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ଦ୍ୱାରା ଲାଲ୍ ପତାକା ଉତୋଳନ ସହ ଆରମ୍ଭ ହୋଇଥିଲା । ସମ୍ମିଳନୀ ର ସଭାକାର୍ଯ୍ୟ ଯୁଧିଷ୍ଠିର ରାଉଳଙ୍କ ଅଧ୍ୟକ୍ଷତାରେ ଶ୍ରୀମତୀ ଯମୁନା ଭୂମିଆ, ପ୍ରମୋଦ କୁମାର ତିୱାରୀଙ୍କୁ ନେଇ ଗଠିତ ତିନି ଜଣିଆ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ । ପ୍ରଥମେ ଦିବଙ୍ଗତ ଶ୍ରମିକ ନେତା ଓ କର୍ମୀ ମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ସୂଚନା ଦେଇ କହିଥିଲେ ଯେ, ୧୯୨୦ ମସିହା ଅକ୍ଟୋବର ୩୧ ତାରିଖରେ ସଂଗଠିତ ହୋଇଥିଲା ଏବଂ ଏହାର ପ୍ରଥମ ସଭାପତି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟ ହୋଇଥିଲେ । ଏଆଇଟିୟୁସି ର ସଭାପତି ଆସନ ପଣ୍ଡିତ ଜବାହରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷ,ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ, ଏସ୍ ଏ ଡାଙ୍ଗେ ପ୍ରମୁଖ ଅଳଙ୍କୃତ କରିଥିଲେ । ସ୍ୱାଧୀନତା ର ଅଗ୍ନି ଗର୍ଭରୁ ଜାତ ଏଆଇଟିୟୁସି ଭାରତବର୍ଷ ର ସକଳ ବର୍ଗର ଶ୍ରମିକ ମାନଙ୍କ ଦାବିନେଇ ଲଢେଇ କରି ଅନେକ ଆଇନ, ସାମାଜିକ ସୁରକ୍ଷା ଆଇନ ଲାଗୁ କରିବାରେ ସଫଳ ହୋଇଥିଲା ଯାହାକୁ ଆଜି ମୋଦୀ ସରକାର ପଦଦଳିତ କରିବାରେ ଲାଗିଛି । କୋରାପୁଟ ଜିଲ୍ଲାରେ ଏଆଇଟିୟୁସି ଅନେକ ଶ୍ରମିକ ଆନ୍ଦୋଳନ ସହିତ ସଫଳ ଯୋଗଦାନ କରିଛି । ସେବା କାଗଜ କଳ ପୁନରୁଦ୍ଧାର ଆନ୍ଦୋଳନ, ମୋଟର କର୍ମଚାରୀ ସଂଘ, ଅସଂଗଠିତ କ୍ଷେତ୍ରରେ ପାଚିକା ସହାୟିକା, ନିର୍ମାଣ ଶ୍ରମିକ, ଅଟୋ ଚାଳକ, ଦିନ ମଜୁରିଆ ସଂଘକୁ ନେଇ ପ୍ରଥମ ଥର ପାଇଁ ଜିଲ୍ଲା ସମ୍ମିଳନୀ କରି ନେତୃତ୍ୱ ଗଠନ କରାଯାଇଛି । ଆସନ୍ତା ୩୧ ଅକ୍ଟୋବରରୁ ନଭେମ୍ବର ୨, ୩, ତିନି ଦିନ ଧରି ତାଳଚେର ଠାରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗ ଦେବା ପାଇଁ ପ୍ରତିନିଧି ଚୟନ ହୋଇଛି । ଆଜିର ସମ୍ମିଳନୀକୁ ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ ସମ୍ବର୍ଦ୍ଧନା ଜଣାଇଥିଲେ । ସମ୍ମିଳନୀରେ ବିଦ୍ୟୁତ୍ ଫେଡେରେସନ୍ ର ଆଶିଷ୍ ତ୍ରିପାଠୀ, ସେବା କାଗଜ କଳର ପ୍ରମୋଦ ତିୱାରୀ, ବସନ୍ତ ବେହେରା, ମୋଟର କର୍ମଚାରୀ ଭୁବନ କମାର, ସିପିଆଇ ନେତା ବୁଦ୍ରା ବଡନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ ।

## କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା



କେନ୍ଦୁଝର,୨୮/୭(ନି/ପ୍ର): ନିଟ ପରୀକ୍ଷା ପତ୍ର ଲିକ ନେଇ ଜୀବନକୁ ଜଳାଞ୍ଜଳି ଦେଇ ୨୨ ଜଣ ମେଧାବୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି, ଯାହାକି ଭାରତ ବର୍ଷର ଶାସକ ବିଜେପି ଦଳ ଏକ ଅପାରଗ ସରକାରଙ୍କୁ ବିରୋଧ କରି ସାର ରାଜ୍ୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ କ୍ରମେ କ୍ୟାଣ୍ଡେଲ ଶୋଭାଯାତ୍ର କରାଯାଉଛି । କେନ୍ଦୁଝର ଜିଲ୍ଲା କଂଗ୍ରେସ ତରଫରୁ କଂଗ୍ରେସ ଭବନ ଠାରୁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିଥିବା ଛାତ୍ର ଛାତ୍ରୀ ମାନଙ୍କ ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ର କରିଥିଲେ ଓ ତାଙ୍କ ପରିବାର ସରକାର ଉଚିତ କ୍ଷତି ପୂରଣ ଦେବା ପାଇଁ ସରକାରଙ୍କ ପାଖରେ ଦାବୀ କରିଛନ୍ତି, କେବଳ ଯେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇ ଦେଲେ ହେବନି ପ୍ରଧାନମନ୍ତ୍ରୀ ତାଙ୍କ ପାଖରେ କ୍ଷମା ପ୍ରାର୍ଥନା ଓ ଭୂଲ ମାଗନ୍ତୁ ଏହା ଏକ ସମ୍ବେଦନଶୀଳ ଘଟଣା । ଏହାକୁ ତ୍ୱରନ୍ତ ଗୁରୁତ୍ୱସହକାର ଗ୍ରହଣ କରନ୍ତୁ ବୋଲି କଂଗ୍ରେସ ଦାବୀ କ୍ଷ ଏଥିରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସଦର ବ୍ଲକ ସଭପତି ଉତମ ସାହୁ, ଡିସିସି ଉପସଭାପତି ଲଳିତ ମୋହନ ନାୟକ, ଡିସିସି ସାଧାରଣ ସମ୍ପାଦକ ସୁଜଳ କୁମାର ସେଠୀ, ଟାଉନ ସଭାପତି ଲୋକନାଥ ଟୁଡୁ, ଖିରୋଦ ପାତ୍ର,ରତ୍ନାକର ଦାସ,ଏହିତ୍ୟ ଦିବ୍ୟ ସିଂହ,ପୂର୍ଣ୍ଣ ଚନ୍ଦ୍ର ଦାସ,ଦିନେଶ ରାଉତ,ପ୍ରଦୀପ ପାତ୍ର ,ପବିତ୍ର ପାତ୍ର ପ୍ରଭୁତି ବହୁ କଂଗ୍ରେସ ପ୍ରେମୀ ଯୋଗ ଦେଇଥିଲେ ।

## ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ମହମବତୀ ପଦଯାତ୍ରା ଓ ସତ୍ୟାଗ୍ରହ



ଅନୁଗୋଳ,୨୮/୭(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ମହମବତୀ ପଦଯାତ୍ରା ସ୍ଥାନୀୟ କଂଗ୍ରେସ ଭବନଠାରୁ ବାହାରି ମହାତ୍ମାଗାନ୍ଧୀ ପାର୍କ ପାଖକୁ ଯାଇଥୁଲେ । ଉକ୍ତ ପଦଯାତ୍ରାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ଅବ୍ୟବସ୍ଥାକୁ ନେଇ ବିଭିନ୍ନ ପ୍ରକାର ସ୍ଲୋଗାନମାନ ଦେଇ ଥିଲେ । ମହାତ୍ମାଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହମବତୀ ଜାଳି ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ଓ ପରୀକ୍ଷା ପରିଚାଳନା ରେ ସୁଧାର ଆଣିବା, ଜନ୍ତରମନ୍ତରରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୋଲିସର ଦମନଲିଳା ପାଇଁ କ୍ଷମା ପ୍ରାର୍ଥନା ଓ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ହେବା ପାଇଁ ଆନୁଷଙ୍ଗିକ ଘୋଷଣା ସହିତ ଓଡ଼ିଶାର ପାଠ୍ୟପୁସ୍ତକରେ ୨୨୦୦ରୁ ଅଧିକ ତୃଟି ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଶାନ୍ତିପୂର୍ଣ୍ଣ ମହମବତୀ ପଦଯାତ୍ରା ଓ ସତ୍ୟାଗ୍ରହ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜନ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତପନ ପ୍ରଧାନ, ନୀଳକଣ୍ଠ ନାଏକ, ଚିତ୍ତରଞ୍ଜନ ନାଏକ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂ, ବିନୋଦ ମାଝୀ ରାକେଶ ମିଶ୍ର, ପ୍ରଦ୍ୟୁମ୍ନ ସାହୁ,ଅରୁପ ସାମଲ, ଅଶୋକ ନାଏକ,ମାନିନୀ ପ୍ରଧାନ,ସୁଦୀପ ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ସଂଗ୍ରାମ ବେହେରା, ସୌମ୍ୟରଞ୍ଜନ ଦାସ ରାକେଶ ରୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଭୁ ଶ୍ରୀ ବଳଦେବଜିଉଙ୍କର ଦୁଇଦିନ ବ୍ୟାପି ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ

କେନ୍ଦ୍ରାପଡ଼ା,୨୮/୭(ନି/ପ୍ର): ତୁଳସିକ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜିଉଙ୍କର ଦୁଇଦିନ ବ୍ୟାପି ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି । ଅପରାହ୍ନ ପ୍ରାୟ ଦୁଇଟା ବେଳେ ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ପରେ ବ୍ରହ୍ମତାଳଧ୍ୱଜ ରଥ ଟଣାଯାଇଛି । ହଜାର ହଜାର ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ନିକଟରୁ ରତ୍ନ ବେଦୀ ଅଭିମୁଖେ ରଥ ଟାଣି ଆଣିଥିଲେ ।ସନ୍ଧ୍ୟା ପାଂଚଟା ପୂର୍ବରୁ ରଥ ଚକଡା ଲାଗିଥିଲା । ପରମ୍ପରା ଅନୁଯାଇ, ଆଜି ତିନି ଦିଅଁ ରଥ ଉପରେ ଅବସ୍ଥାନ କରିବେ । ଆସନ୍ତାକାଲି ଦିନରେ ଶ୍ରୀଜୀଉ ମାନେ ରଘୁନାଥ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ । ସେହିପରି ସନ୍ଧ୍ୟାରେ ଅଧରପଣା ଲାଗି ହେବାପରେ, ତିନି ଦିଅଁଙ୍କର ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ । ନବଦିନ ବ୍ୟାପି ଗୁଣ୍ଡିଚା ଯାତ୍ରା ଶେଷକରି, ବଡଠାକୁର ରତ୍ନ ବେଦିଙ୍କୁ ଲେଉଟିବେ ।



ଆନନ୍ଦପୁର ବଜାର: ପରିବା ଦର ଉପରମୁହାଁ

## ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ : କଳିଆପଦର ଗ୍ରାମରେ ଶୋକର ଛାୟା



ରାଇଘର,୨୮/୭(ନି/ପ୍ର): ନରସିଂବାଘ ଉତ୍କଳ ସମାଚାର ୨୭/୦୭.ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡା ପଚାଂୟତର କଳିଆପଦର ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଛି । ସାପ କାମୁଡାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରଚାର ପାଇବା ସହିତ ସମଗ୍ର ଅଚଂଳରେ ଶୋକର ଛାୟା ବିସ୍ତାରିତ ହୋଇଛି । ମୃତକାଙ୍କୁ କଳିଆପଦର ଗ୍ରାମର ସମାରୀ ବାଇ ଗଣ୍ଡ (୭୦) ବୋଲି ପରିଚୟ ମିଳିଛି । ସୂଚନା ଅନୁସାରେ, ଗତ ରାତ୍ରିରେ ସେ ଖାଦ୍ୟ ସେବନ ପରେ ନିଜ ଘରେ ଶୋଇଥିବା ବେଳେ ଅଚାନକ ସାପ କାମୁଡିଥିଲା । ପରେ ବିଛଣା ଉପରେ ସାପ ଥିବାକୁ ପରିବାର ଲୋକମାନେ ଦେଖିଥିବା କୁହାଯାଉଛି, ଯାହାରୁ ଘଟଣାଟି ସାପ କାମୁଡା ହେବା ସ୍ପଷ୍ଟ ହୋଇଥିଲା ।ଘଟଣା ପରେ ଗୁରୁତର ଅବସ୍ଥାରେ ସମାରୀ ବାଇଙ୍କୁ ରାତି ପ୍ରାୟ ୨ଟା ସମୟରେ ତୁରନ୍ତ ରାଇଘର ମେଡିକାଲକୁ ନିଆଯାଇଥିଲା । କିନ୍ତୁ ତାଙ୍କ ଅବସ୍ଥା ଦ୍ରୁତ ଭାବେ ଅବନତି ହେବାରୁ ଡାକ୍ତରମାନେ ଉନ୍ନତ ଚିକିତ୍ସା ପାଇଁ ଉମରକୋଟ ଉପଜିଲ୍ଲା ଚିକିତ୍ସାଳୟକୁ ରେଫର କରିଥିଲେ । ଉମରକୋଟରେ ପହଚିଂବା ପରେ ଡାକ୍ତରମାନେ ସମାରୀ ବାଇଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି । ଏହି ଅକାଳ ମୃତ୍ୟୁ ଘଟଣା ପରେ କଳିଆପଦର ଗ୍ରାମରେ ଗଭୀର ଶୋକର ପରିବେଶ ଦେଖାଯାଇଛି । ପରିବାର ଓ ଗ୍ରାମବାସୀ ଦୁଃଖରେ ମୁହଁ ହୋଇଥିବା ବେଳେ ସ୍ଥାନୀୟ ଲୋକମାନେ ଗ୍ରାମାଚଂଳରେ ବଢୁଥିବା ସାପ କାମୁଡା ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି।ସ୍ଥାନୀୟମାନଙ୍କ କହିବା ଅନୁସାରେ, ବର୍ଷା ଋତୁରେ ସାପ ଗ୍ରାମ ଅଚଂଳକୁ ପ୍ରବେଶ କରିବା ଘଟଣା ବଢ଼ିବାରୁ ଏପରି ଦୁର୍ଘଟଣା ଘଟୁଛି । ସେମାନେ ସରକାରଙ୍କୁ ଗ୍ରାମ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ସାପ ନିୟନ୍ତ୍ରଣ ବ୍ୟବସ୍ଥା ଓ ଆପତ୍କାଳୀନ ଚିକିତ୍ସା ସୁବିଧା ବୃଦ୍ଧି ପାଇଁ ଦାବି କରିଛନ୍ତି ।ଏହି ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହେବା ସମ୍ଭାବନା ରହିଛି । ଏପରି ଘଟଣା ପୁଣି ନ ଘଟେ, ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଅତ୍ୟାବଶ୍ୟକ ହୋଇପଡିଛି ।

## ଡ୍ରେନ୍ ସଫେଇ ପରେ ରାସ୍ତାକଡ଼ରେ ପଡ଼ିରହିଛି ଡ୍ରେନ୍ ସ୍ଲାବ: ଆରଡ଼ିଛକରୁ ସାତଭଉଣୀ ପର୍ଯ୍ୟନ୍ତ ୩ କି.ମି. ଭୟଙ୍କର ଟ୍ରାଫିକ୍ ଜାମ୍

ଭଦ୍ରକ, ୨୮/୭(ନି/ପ୍ର): ଭଦ୍ରକ–ଆରଡ଼ି ମୁଖ୍ୟ ସଡ଼କର ଆରଡ଼ି ଛକ ନିକଟରେ ଡ୍ରେନ୍ ସଫେଇ କାମ ପରେ ଡ୍ରେନ୍ ଉପରେ ଥିବା କଂକ୍ରିଟ୍ ସ୍ଲାବ ଗୁଡ଼ିକୁ ପୁନଃ ସ୍ଥାପନ ନକରି ରାସ୍ତାକଡ଼ରେ ରଖି ଦିଆଯାଇଥିବାରୁ ସମଗ୍ର ଅଂଚଳରେ ଗୁରୁତର ଯାତାୟାତ ସମସ୍ୟା ସୃଷ୍ଟି ହୋଇଛି । ରାସ୍ତାର ଏକ ପାର୍ଶ୍ୱ ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିବାରୁ ଆରଡ଼ି ଛକରୁ ସାତଭଉଣୀ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ଗାଡ଼ିର ଲମ୍ବା ଧାଡ଼ି ଲାଗି ରହୁଛି । ଫଳରେ ହଜାର ହଜାର ଯାତ୍ରୀ, ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ନିତ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁସାରେ ଡ୍ରେନ୍ ସଫେଇ କାମ ସରିଥିଲେ ମଧ୍ୟ ଡ୍ରେନ୍ ସ୍ଲାବ ଗୁଡ଼ିକୁ ପୂର୍ବବତ୍ ସ୍ଥାନରେ ଲଗାଯାଇନାହିଁ । ବରଂ ସେଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବେ ରଖାଯାଇଥିବାରୁ ରାସ୍ତା ସଂକୁଚିତ ହୋଇପଡ଼ିଛି । ବିଶେଷକରି ଭଦ୍ରକ–ଆରଡ଼ି ରାସ୍ତା ଏକ ବ୍ୟସ୍ତବହୁଳ ସଡ଼କ ହୋଇଥିବାରୁ ପ୍ରତିଦିନ ଶତାଧିକ ବସ୍, ଟ୍ରକ୍, ସ୍କୁଲ୍ ବସ୍, ଛୋଟ ବଡ଼ ଯାନବାହନ ଏବଂ ଦୁଇଚକିଆ ଗାଡ଼ି ଏହି ପଥ ଦେଇ ଯାତାୟାତ କରୁଛି । କିନ୍ତୁ ରାସ୍ତାର ଏକ ପାର୍ଶ୍ୱ ବନ୍ଦ ହୋଇଯାଇଥିବାରୁ ଗାଡ଼ି ଚଳାଚଳ ଅତ୍ୟନ୍ତ ଧୀର ହୋଇପଡ଼ିଛି ଏବଂ ଘଂଟା ଘଂଟା ଧରି ଟ୍ରାଫିକ୍ ଜାମ୍ ଲାଗି ରହୁଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଜରୁରୀକାଳୀନ ସେବା ମଧ୍ୟ ଏହି ଜାମ୍‌ର ପ୍ରଭାବରୁ ବାଦ ପଡ଼ିନାହିଁ । ଆମ୍ବୁଲାନ୍ସ ଭଳି ଜରୁରୀ ସେବା ଗାଡ଼ି ମଧ୍ୟ ଟ୍ରାଫିକ୍ ଜାମ୍‌ରେ ଦୀର୍ଘ ସମୟ ଧରି ଫସି ରହୁଥିବାରୁ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ସ୍କୁଲ୍ ଛାତ୍ରଛାତ୍ରୀ, ଚାକିରିଆ ଲୋକ, ବ୍ୟବସାୟୀ ଏବଂ ସାଧାରଣ ଯାତ୍ରୀମାନେ ପ୍ରତିଦିନ ଘଂଟା ଘଂଟା ଧରି ରାସ୍ତାରେ ଅଟକି ରହୁଥିବାରୁ ଅସନ୍ତୋଷ ବଢ଼ିଚାଲିଛି । ଏହି ଡ୍ରେନ୍ ସଫେଇ କାମ କେଉଁ ସଂସ୍ଥା କିମ୍ବା ଠିକାଦାରଙ୍କୁ ଦିଆଯାଇଥିଲା ଏବଂ କାମ ଶେଷ ହେବା ପରେ ଡ୍ରେନ୍ ସ୍ଲାବ୍ ଗୁଡ଼ିକୁ କାହିଁକି ଠିକ୍ ଭାବେ ପୁନଃ ସ୍ଥାପନ କରାଗଲା ନାହିଁ, ତାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଠିଛି । ସଂପୃକ୍ତ ଠିକାଦାରଙ୍କ ମନମୁଖୀ କାର୍ଯ୍ୟଶୈଳୀ ଏବଂ କାମରେ ଅବହେଳା ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି । ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଦାବି କରିଛନ୍ତି । ରାସ୍ତା ଉପରେ ପଡ଼ିରହିଥିବା ଡ୍ରେନ୍ ସ୍ଲାବ ଗୁଡ଼ିକୁ ଅବିଳମ୍ବ ଉଠାଇ ପୂର୍ବବତ୍ ସ୍ଥାନରେ ଲଗାଇବା, ଯାତାୟାତକୁ ସ୍ୱାଭାବିକ କରିବା ସହ ଦାୟିତ୍ୱରେ ଅବହେଳା କରିଥିବା ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ଉଚିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ନଚେତ୍ ପ୍ରତିଦିନ ଏହି ସ୍ଥାନରେ ଟ୍ରାଫିକ୍ ଜାମ୍ ଲାଗି ରହିବା ସହ ଜରୁରୀ ସେବା ବ୍ୟବସ୍ଥା ମଧ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେବ ବୋଲି ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି । ଏବେ ସାଧାରଣ ଲୋକଙ୍କ ଦୃଷ୍ଟି ପ୍ରଶାସନ ଉପରେ ରହିଛି । କେବେ ସମସ୍ୟାର ସମାଧାନ ହେବ ଏବଂ ଆରଡ଼ି ଛକରୁ ସାତଭଉଣୀ ପର୍ଯ୍ୟନ୍ତ ଯାତାୟାତ ପୁଣି ସ୍ୱାଭାବିକ ହେବ, ତାହାକୁ ନେଇ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

## ଜୟପୁର ରାଜା ନହର ଠାରେ ପହଂଚିଲା ରଥ

ଜୟପୁର,୨୮/୭(ନି/ପ୍ର): ଶ୍ରୀ ଜିଉଙ୍କ ବାହୁଡା ଯାତ୍ରା ଅବସରରେ ଜୟପୁରର ଆଡ଼ପ ମଣ୍ଡପ କୁହାଯାଉଥିବା ବାଙ୍କମଠରୁ ତିନି ଠାକୁର ଲକ୍ଷ୍ୟାଧିକ ଭକ୍ତଙ୍କ ଗହଣରେ ମାଉସୀ ମା' ଘର ଯାଏଁ ଶୁକ୍ରବାର ପହଂଚିଥିଲେ । ଶନିବାର ମାଉସୀ ମା' ଘର କୁହାଯାଉଥିବା ଶ୍ରୀଚୈତନ୍ୟ ମନ୍ଦିରରୁ ପୁଣି ରଥାରୁଢ଼ ରହିଥିବା ତିନି ଠାକୁର ବାହରି ଥିବା ବେଳେ ପାଣିନଳା ସାହି ନିକଟରେ ରଥ ଏକ ବିଦ୍ୟୁତ ଝୁଂଟକୁ ଲାଗି ଅଟକି ଯାଇଥିଲା ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ବୁଧବାର ୨୯ ଜୁଲାଇ ୨୦୨୬**

# କୁଳପତିଙ୍କ ଦାୟିତ୍ୱ

ଏବେ ଆମ ଦେଶରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି ପାଉଛି, କ୍ୟାମ୍ପସଗୁଡ଼ିକର ସମ୍ପ୍ରସାରଣ ହେଉଛି ଏବଂ କ୍ୟାମ୍ପସରେ ସୁଉଚ୍ଚ କୋଠାବାଡ଼ି ଠିଆ ହେଉଛି। ଆକର୍ଷଣୀୟ ଫାଟକ, ଆଧୁନିକ ଅଡିଟୋରିଅମ୍, ସ୍ମାର୍ଟ କ୍ଲାସରୁମ୍, କନଭେନସନ ହଲ୍, ଡିଜିଟାଲ ସେଂଟର ଓ ପ୍ରଶାସନିକ ବ୍ଲକ ଆଦି ନେଇ ଉଚ୍ଚକୋଟୀର ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଉଛି। ତେବେ, ଏଭଳି ଭିତ୍ତିଭୂମିଗତ ଉତ୍କର୍ଷ ସତ୍ତ୍ୱେ ଏକ ଅସହଜ ପ୍ରଶ୍ନ ଦୂର ହେଉନାହିଁ ଯେ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଜ୍ଞାନୋଦୀପ୍ତ ନାଗରିକ ସୃଷ୍ଟି ହେବା ପରିବର୍ତ୍ତେ ପ୍ରାୟତଃ ବୃତିଜୀବୀ ଆଜ୍ଞାବହ କର୍ମଚାରୀମାନେ ସୃଷ୍ଟି ହେଉଛନ୍ତି କାହିଁକି ? ଏହା ପଛରେ ହୁଏତ ଏକାଧିକ କାରଣ ରହିଛି। କିନ୍ତୁ, ତା' ମଧ୍ୟରୁ ଗୋଟିଏ ଏବଂ ପ୍ରମୁଖଟି ହେଲା ବିଶ୍ୱବିଦ୍ୟାଳୟର ନୈତିକ, ବୌଦ୍ଧିକ ଓ ଦାର୍ଶନିକ ମାର୍ଗଦର୍ଶକ ଭୂମିକାରେ ଅବତୀର୍ଣ୍ଣ ନ ହୋଇ ଅନେକତ୍ର କୁଳପତିମାନେ କେବଳ ଆନୁଷ୍ଠାନିକ ପରିଚାଳନା ମୁଖ୍ୟ ମାତ୍ର ହୋଇ ରହିଯାଉଛନ୍ତି। କେତେକ କ୍ଷେତ୍ରରେ କୁଳପତିମାନଙ୍କ ଠାରୁ ରାଜନୈତିକ ଆନୁଗତ୍ୟ ଆଶା କରାଯାଉଛି ତ ଆଉ କେତେକଙ୍କ ମୂଲ୍ୟାଙ୍କନ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ସ୍ତର ଆଧାରରେ କରାଯାଉଛି। ଅନେକ ସ୍ଥାନରେ କୁଳପତିମାନେ କେବଳ ଟେଣ୍ଡର ଅନୁମୋଦନ, ଅମଲାତାନ୍ତ୍ରିକ ରିପୋର୍ଟ ପ୍ରସ୍ତୁତି, ଇଭେଂଟ ମ୍ୟାନେଜମେଂଟ ଓ ଆନୁଷ୍ଠାନିକ ଭାଷଣବାଜି ଇତ୍ୟାଦିରେ ସୀମିତ ରହିଯାଉଛନ୍ତି ବା ରହିବାକୁ ବାଧ୍ୟ ହେଉଛନ୍ତି। ଏହା ସମସ୍ତେ ସ୍ୱୀକାର କରିବେ ଯେ ପ୍ରକୃତ ପକ୍ଷରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଗଭୀର ଚିନ୍ତନର କେନ୍ଦ୍ର, ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ସକାଶେ ଚୁମ୍ବକୀୟ କ୍ଷେତ୍ର ହେବା କଥା। କୁଳପତିଙ୍କ ସଂଦର୍ଭରେ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକର ମଧ୍ୟ ଏକ ଚମକପ୍ରଦ ପରଂପରା ରହିଛି, ଯେଉଁଠି ସାର ଆଶୁତୋଷ ମୁଖାର୍ଜୀ, ସର୍ବପଲ୍ଲୀ ରାଧାକୃଷ୍ଣନ, ଡକ୍ଟର ଜାକୀର ହୁସେନ, କେଆର ନାରାୟଣ, ହନସା ମେହଟ୍ଟା, ମୁନୀସ ରାଜା ଇତ୍ୟାଦିଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଦେଖିବାକୁ ମିଳିଥାଏ। କହିବା ଅନାବଶ୍ୟକ ଯେ କୁଳପତିମାନେ ଏକା ସଙ୍ଗେ ଜଣେ ପଣ୍ଡିତ, ମଧ୍ୟସ୍ଥି, ଅନୁଷ୍ଠାନ ନିର୍ମାତା, ଜନବିଦ୍ୱାନ୍, ନୈତିକ ଅଭିଭାବକ ଓ ସମାଜ ସଂସ୍କାରକର ଭୂମିକା ନିର୍ବାହ କରିବା ଉଚିତ। ସଂପ୍ରତି କେତେକ ବିଶ୍ୱବିଦ୍ୟାଳୟ ସେମାନଙ୍କ ଗୁଣବତାର ପ୍ରତୀକ ସ୍ୱରୂପ ଗର୍ବର ସହ ସେମାନଙ୍କର ଉଚ୍ଚକୋଟୀର ଭିତିଭୂମିର ପ୍ରଦର୍ଶନ କରୁଛନ୍ତି। କିନ୍ତୁ ସେଠାକାର ଶ୍ରେଣୀଗୃହଗୁଡ଼ିକ ବୌଦ୍ଧିକ ଭାବେ କେତେ ପ୍ରାଣବନ୍ତ ତାହା ପ୍ରଣିଧାନର ବିଷୟ ହେବା କଥା। ସେହି ସବୁ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଚିନ୍ତନ, ବିତର୍କ ଓ ମୁକ୍ତ ମତ ପ୍ରକାଶରେ ବ୍ରତୀ ହେଉଛନ୍ତି ନା ନାହିଁ, ତାହା ପରଖାଯିବା କଥା। ସେଠାରେ ଯୁଗାନ୍ତକାରୀ ଉଚ୍ଚାଙ୍ଗ ବୈଜ୍ଞାନିକ ଗବେଷଣା ବା ସାମାଜିକ ପ୍ରାସଙ୍ଗିକତା ଥିବା ଗବେଷଣା ସଂପାଦିତ ହେଉଛି ନା ନାହିଁ, ଦେଖାଯିବା ଉଚିତ। ଆମ ଦେଶର ଏକ ସୌଭାଗ୍ୟ ହେଲା ଏଠାରେ ସର୍ବାଧିକ ବଡ଼ ଯୁବ ଜନସଂଖ୍ୟା ବିଦ୍ୟମାନ। ସେମାନଙ୍କୁ କେବଳ ସଫଳ ପେସାଦାର ବା ବୃତିଜୀବୀରେ ପରିଣତ ନ କରି କିଭଳି ବିଭିନ୍ନ କ୍ଷେତ୍ରରେ ଧ୍ରୁବତାରାରେ ପରିଣତ କରିହେବ; ସେ ଦାୟିତ୍ୱ ବିଶ୍ୱବିଦ୍ୟାଳୟଗୁଡ଼ିକ ନେବା କଥା, ଯାହା ଦୂରଦ୍ରଷ୍ଟା ଓ ପ୍ରାଜ୍ଞ କୁଳପତିମାନଙ୍କ ଦ୍ୱାରା ହିଁ ସମ୍ଭବ। ପୃଥିବୀର ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟଗୁଡ଼ିକ ରାଜନୈତିକ ଆଜ୍ଞାବହତା ପାଇଁ ନୁହେଁ, ବରଂ ବୌଦ୍ଧିକ ସ୍ୱାଧୀନତା ଓ ଅବିଭାଜ୍ୟ ସାଧୁତା ରକ୍ଷା କରିଥିବାରୁ ପ୍ରଭାବଶାଳୀ ହୋଇପାରିଛନ୍ତି। ନିକଟରେ ପାଲେଷ୍ଟାଇନ ଗଣସଂହାର ପରିପ୍ରେକ୍ଷୀରେ ଇସ୍ରାଏଲକୁ ନିନ୍ଦା କରି ଛାତ୍ର ଆନ୍ଦୋଳନକୁ ପ୍ରଶ୍ରୟ ଦେଇଥିବାରୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରିପବ୍ଲିକାନ ଶାସକଙ୍କ ଚକ୍ଷୁଶୂଳ ହୋଇଛି। କହିବାର ମର୍ମ ହେଲା ବିଶ୍ୱବିଦ୍ୟାଳୟଟି ସରକାରଙ୍କ ଆଜ୍ଞାବହ ହେବାକୁ ରାଜି ନୁହେଁ, ଯାହା ତା'ର ସ୍ୱାତନ୍ତ୍ର ?କୁ ଅଧିକ ପ୍ରଗାଢ଼ କରିଛି। ଏହା କେବଳ ଜଣେ ସାହସୀ ଓ ପ୍ରତିବଦ୍ଧକୁଳପତି(ଅନୁଷ୍ଠାନର ମୁଖ୍ୟ)ଙ୍କ ନେତୃତ୍ୱରେ ସମ୍ଭବ ହୋଇପାରେ। ଦେଖାଯାଏ ଯେ ଆମେରିକୀ ଓ ୟୁରୋପୀୟ ବିଶ୍ୱବିଦ୍ୟାଳୟରୁ କେବଳ ଉଚ୍ଚକୋଟୀର ଗବେଷକ, ବୈ ?ଜ୍ଞାନିକ ଓ ଉଦ୍ଭାବକ ସୃଷ୍ଟି ହୋଇ ନାହାନ୍ତି, ବିଶ୍ୱସ୍ତରୀୟ ଖେଳାଳିମାନେ ମଧ୍ୟ ବାହାରିଛନ୍ତି। ଏହାର ଅର୍ଥ ସେହି ଶିକ୍ଷାନୁଷ୍ଠାନଗୁଡ଼ିକ ତରୁଣମାନଙ୍କଠାରେ ଥିବା ସମ୍ଭାବନାର ସଂପୂର୍ଣ୍ଣ ପରିପ୍ରକାଶ କରି ଆପଣା ମହନୀୟ ସାବ୍ୟସ୍ତ କରିଛନ୍ତି। ଭାରତରେ ମଧ୍ୟ ସେଭଳି ଦୃଷ୍ଟାନ୍ତମାନ ସ୍ଥାପିତ ହେବା ଆବଶ୍ୟକ, ଯାହା କେବଳ ସମର୍ଥ ଓ ସାର୍ଥକ କୁଳପତିମାନଙ୍କ ନେତୃତ୍ୱ ଓ ମାର୍ଗ ଦର୍ଶନ ଦ୍ୱାରା ସମ୍ଭବ ହେବ।

## ଦିଗଦର୍ଶନ କର୍ମଶାଳାରେ ପ୍ରଶିକ୍ଷଣ ନେବେ ରାଜନୀତି ବିଜ୍ଞାନର ପିଜିଟି ଶିକ୍ଷକ

ଭୁବନେଶ୍ୱର: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତି ଇମେଜ୍ ଠାରେ ରାଜନୀତି ବିଜ୍ଞାନ, ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉଦଘାଟନୀ ଅଧିବେଶନରେ ୟୁନିସେଫ୍ ର ରାଜ୍ୟ ଶିକ୍ଷା ବିଶେଷଜ୍ଞ ଶ୍ରୀମତୀ ଲଳିତା ପଟ୍ଟନାୟକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ୟୁନିସେଫ୍ ର ରାଜ୍ୟ ଶିକ୍ଷା ପରାମର୍ଶଦାତା ଶ୍ରୀମତୀ ଜୟାଜ୍ୟୋତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଲଳିତା ପଟ୍ଟନାୟକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷା ଗ୍ରହଣର ଆବଶ୍ୟକତା ରହିଥିବା କହିଛନ୍ତି। କର୍ମଶାଳା ପିଜିଟିମାନଙ୍କ କାର୍ଯ୍ୟଶୈଳୀ ବୁଝିବାରେ ସାହାଯ୍ୟ କରିଥାଏ। ଜାତୀୟ ଶିକ୍ଷା ନୀତି ୨୦୨୦ ଛାତ୍ରକେନ୍ଦ୍ରୀକ ଶିକ୍ଷା ଉପରେ ଧ୍ୟାନ ଦେଇଆସିଛି ତେଣୁ କର୍ମଶାଳାରେ ଅଂଶଗ୍ରହଣ କରି ଏହାର ଲାଭ ଉଠାଇବାକୁ ଶ୍ରୀମତୀ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ କର୍ମଶାଳାଟି ସମସ୍ତଙ୍କ ଆବଶ୍ୟକତାକୁ ନେଇ ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା

# ଯୌନତା, ଦାୟିତ୍ୱବୋଧ ଏବଂ ଯୁବପିଢ଼ି :

ମାନବ ଜୀବନର ସାମଗ୍ରିକ ବିକାଶ ଓ ଅସ୍ତିତ୍ୱ ପ୍ରକ୍ରିୟାରେ ସେକ୍ସ ଏକ ଅତ୍ୟନ୍ତ ସହଜାତ, ପ୍ରାକୃତିକ ଏବଂ ଆବଶ୍ୟକୀୟ ଜୈବିକ କ୍ରିୟା। ମାତ୍ର ମଣିଷ କେବଳ ଶାରୀରିକ ଆବେଗ ଦ୍ୱାରା ପରିଚାଳିତ ଏକ ଜୀବ ନୁହେଁ; ସେ ଏକ ସାମାଜିକ, ଭାବନାତ୍ମକ ଏବଂ ବୁଦ୍ଧିମାନ ପ୍ରାଣୀ। ତେଣୁ ଯୌନତା କେବଳ ଶାରୀରିକ ସନ୍ତୁଷ୍ଟି କିମ୍ବା କ୍ଷଣିକ ଆକର୍ଷଣରେ ସୀମିତ ନରହି, ଏହା ପଛରେ ଥିବା ଗୁରୁଦାୟିତ୍ୱକୁ ବୁଝିବା ଏବଂ ଏହାର ସଠିକ ପରିଚାଳନା କରିବା ଗୋଟିଏ ସୁସ୍ଥ ବ୍ୟକ୍ତିଗତ ଓ ସାମାଜିକ ଜୀବନର ଆଧାର ସାଜିଥାଏ। ସେକ୍ସର ଆରମ୍ଭ ଶାରୀରିକ ସ୍ତରରୁ ହୋଇଥାଏ, ମାତ୍ର ଏହାର ପରିଣାମ ଭାବନାତ୍ମକ ଓ ସାମାଜିକ ସ୍ତରରେ ପ୍ରସାରିତ ହୁଏ। ଯେତେବେଳେ ଦୁଇଜଣ ବ୍ୟକ୍ତି ଏହି ସମ୍ପର୍କରେ ବାନ୍ଧିହୁଅନ୍ତି, ସେତେବେଳେ କେବଳ ଦୁଇଟି ଶରୀର ନୁହେଁ, ବରଂ ଦୁଇଟି ମନ, ସ୍ୱପ୍ନ ଏବଂ ବିଶ୍ୱାସ ମଧ୍ୟରେ ସଂଯୋଗ ସୃଷ୍ଟି ହୁଏ। ଏକ ଗଭୀର ସମ୍ପର୍କରେ ଜଣଙ୍କର ଶାରୀରିକ ଓ ମାନସିକ ସୁରକ୍ଷାର ଦାୟିତ୍ୱ ଅନ୍ୟ ଜଣଙ୍କ ଉପରେ ନ୍ୟସ୍ତ ଥାଏ। ଯୌନ ସଂକ୍ରାମିତ ରୋଗରୁ ସୁରକ୍ଷା ଏବଂ ସୁସ୍ଥ ଶାରୀରିକ ଆଚରଣ ଗ୍ରହଣ କରିବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଦାୟିତ୍ୱ। ସେକ୍ସର ଅନ୍ୟତମ ପ୍ରାକୃତିକ ପରିଣାମ ହେଉଛି ସନ୍ତାନ ସୃଷ୍ଟି। ଏକ ନୂଆ ଜୀବନକୁ ପୃଥିବୀକୁ ଆଣିବା, ତାହାର ଲାଳନପାଳନ, ଶିକ୍ଷା ଏବଂ ନିରାପତା ପ୍ରଦାନ କରିବାର ଅସୀମ ଦାୟିତ୍ୱ ଏହି ପ୍ରକ୍ରିୟା ସହ ଯୋଡ଼ିହୋଇ ରହିଛି। ଯଦି ଏହି ଗୁରୁଦାୟିତ୍ୱକୁ ଅବହେଳା କରାଯାଏ କିମ୍ବା କେବଳ କ୍ଷଣିକ ଉତେଜନା ବଶବର୍ତୀ ହୋଇ ନିଷ୍ପତି ନିଆଯାଏ, ତେବେ ତାହା ସମଗ୍ର ଜୀବନକୁ ବିପର୍ଯ୍ୟସ୍ତ କରିଦିଏ : ଅପରିପକ୍ୱ ବୟସ କିମ୍ବା ଅସାବଧାନତା ହେତୁ ସୃଷ୍ଟି ହେଉଥିବା ଅବାଞ୍ଛିତ ଗର୍ଭଧାରଣ ନବଯୁବକ-ଯୁବତୀଙ୍କ କ୍ୟାରିୟର, ଶିକ୍ଷା ଏବଂ ଭବିଷ୍ୟତର ଯୋଜନାକୁ ଭାଙ୍ଗିରୁଜି ଦିଏ। ଭାବନାତ୍ମକ ପରିପକ୍ୱତା ନଥାଇ ଗଢ଼ିଉଠିଥିବା ସମ୍ପର୍କ ଭାଙ୍ଗିଗଲେ ତାହା ଗଭୀର ମାନସିକ ଆଘାତ, ଅବସାଦ ଏବଂ ଆତ୍ମବିଶ୍ୱାସର ହାନି ଘଟାଇଥାଏ। ପ୍ରସ୍ତୁତି ବିନା ଆସୁଥିବା ବଡ଼ ନିଷ୍ପତିଗୁଡ଼ିକ ବ୍ୟକ୍ତିକୁ ଆର୍ଥିକ ଅନିଶ୍ଚିତତା ଏବଂ ସାମାଜିକ ସମାଲୋଚନା ଆଡ଼କୁ ଠେଲିଦିଏ, ଯାହାଦ୍ୱାରା ପାରିବାରିକ ଶାନ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଆଜିର ଡିଜିଟାଲ୍ ଯୁଗରେ ବିଭିନ୍ନ ମାଧ୍ୟମରୁ ଯୁବପିଢ଼ିଙ୍କ ପାଖରେ ସୂଚନାର ଅଭାବ ନାହିଁ, ମାତ୍ର ସଠିକ 'ଜ୍ଞାନ' ଏବଂ 'ସଂଯମତା'ର ଆବଶ୍ୟକତା ରହିଛି। ଯୁବସମାଜ ଏଥିପ୍ରତି ସଚେତନ ହୋଇ ବିଭିନ୍ନ ଦିଗଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ: ଯୌନତା ଏକ ଗୁପ୍ତ କିମ୍ବା ଲଜ୍ଜାଜନକ ବିଷୟ ନଭାବି, ଏହାର ଶାରୀରିକ ଓ ବୈଜ୍ଞାନିକ ଦିଗକୁ ସଠିକ ଭାବେ ବୁଝିବା ଦରକାର। କେବଳ ଆକର୍ଷଣ ଓ ପ୍ରେମ ମଧ୍ୟରେ ଥିବା ଫରକକୁ ବୁଝିବା ଏବଂ ନିଜର ଆବେଗକୁ ନିୟନ୍ତ୍ରଣ କରିବା ଶିଖିବାକୁ ହେବ। ସମ୍ପର୍କରେ ଥିବାବେଳେ ନିଜର ଭବିଷ୍ୟତ, ନିଷ୍ପତ୍ତି ଏବଂ ସୀମାରେଖା ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିବା ଉଚିତ। ଶାରୀରିକ ଆବଶ୍ୟକତା ମାନବ ଜୀବନର ଏକ ସ୍ୱାଭାବିକ ଅଂଶ, ମାତ୍ର ଦାୟିତ୍ୱବୋଧ ହେଉଛି ମନୁଷ୍ୟତ୍ୱର ପରିଚୟ। ଯୁବପିଢ଼ି ଯେତେବେଳେ କ୍ଷଣିକ ସୁଖ ଅପେକ୍ଷା ଦୀର୍ଘସ୍ଥାୟୀ ସୁସ୍ଥ ଜୀବନ, ନୈତିକତା ଏବଂ ଦାୟିତ୍ୱକୁ ପ୍ରାଥମିକତା ଦେବେ, ସେତେବେଳେ ହିଁ ସେମାନେ ନିଜ ଜୀବନକୁ ସୁବ୍ୟବସ୍ଥିତ ରଖିବା ସହ ଏକ ସୁସ୍ଥ, ସଂସ୍କୃତିସମ୍ପନ୍ନ ଏବଂ ପ୍ରଗତିଶୀଳ ସମାଜ ଗଠନ କରିପାରିବେ। ସମ୍ପର୍କ ଏବଂ ଯୌନ କ୍ରିୟା ଦ୍ୱାରା ପୁରୁଷ ଓ ସ୍ତ୍ରୀଙ୍କ ଶରୀର ଏବଂ ମନରେ ଅନେକ ପ୍ରକାରର ବାହ୍ୟ ଏବଂ ଆନ୍ତରିକ ପରିବର୍ନ୍ତନ ଦେଖାଯାଇଥାଏ। ଏହି ପରିବର୍ନ୍ତନଗୁଡ଼ିକୁ ମୁଖ୍ୟତଃ ଦୁଇଟି ଭାବରେ ଦେଖାଯାଇପାରେ: ସେକ୍ସ ସମୟରେ ଓ ଏହାର ତୁରନ୍ତ ପରେ ଏବଂ ଦୀର୍ଘମିଆଦୀ ସୁସ୍ଥ ଯୌନ ଜୀବନର ପ୍ରଭାବ। ଯୌନ ଉତେଜନା ସମୟରେ ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ବଢ଼ିଥାଏ। ଫଳରେ ମୁହଁ, ଛାତି, ଏବଂ ପିଠିର ତ୍ୱଚାରେ ରକ୍ତପ୍ରବାହ ବୃଦ୍ଧି ପାଇ ସାମାନ୍ୟ ନାଲି ପଡ଼ିଯାଏ କିମ୍ବା ଉଷ୍ମତା ଅନୁଭୂତ ହୁଏ। ଉଭୟ ପୁରୁଷ ଓ ସ୍ତ୍ରୀଙ୍କ ସ୍ତନବୃନ୍ତ ଟାଣ/ଶକ୍ତ ହୋଇଯାଏ ଏବଂ ଶରୀରର ସମ୍ବେଦନଶୀଳତା ବୃଦ୍ଧି ପାଏ। ରକ୍ତପ୍ରବାହ ହଠାତ୍ ବୃଦ୍ଧି ପାଇବା ଯୋଗୁଁ ଲିଙ୍ଗ ଉତ୍ଥିତ ଏବଂ ଶକ୍ତ ହୋଇଥାଏ। ଯୋନିଦ୍ୱାର ଓ ଭଗଶେଫା ଆକାରରେ ସାମାନ୍ୟ ବୃଦ୍ଧି ପାଏ। ଯୋନିପଥରୁ ପ୍ରାକୃତିକ ସ୍ନେହକ/ତରଳ ପଦାର୍ଥ ନିର୍ଗତ ହୋଇଥାଏ, ଯାହା ଶରୀରକୁ ସହଜ ପ୍ରକ୍ରିୟା ପାଇଁ ପ୍ରସ୍ତୁତ କରେ। ଶରୀରର ମାଂସପେଶୀଗୁଡ଼ିକ ଶକ୍ତ ହୋଇଯାଏ ଏବଂ ଚରମସୀମା ପହଚିଂବା ବେଳେ ଶରୀରରେ ଶିହରଣ ଓ ସଙ୍କୋଚନ ଅନୁଭୂତ ହୁଏ। ଏହାପରେ ମାଂସପେଶୀ ସମ୍ପୂର୍ଣ୍ଣ ଶିଥିଳ/ଶାନ୍ତ ହୋଇଯାଏ। ଜୈବିକ ଏବଂ ହର୍ମୋନ ସ୍ତରରେ ଘଟୁଥିବା ଆନ୍ତରିକ ପରିବର୍ତନଗୁଡ଼ିକ ମଣିଷର ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତିକୁ ସୁଦୃଢ଼ କରିଥାଏ: ଏହାକୁ 'ଲଭ୍ ହର୍ମୋନ୍' ବୋଲି କୁହାଯାଏ। ସେକ୍ସ ପରେ ଏହି ହର୍ମୋନ୍ ନିର୍ଗତ ହୋଇଥାଏ, ଯାହା ଦମ୍ପତିଙ୍କ ମଧ୍ୟରେ ଭାବନାତ୍ମକ ନିବିଡ଼ତା, ଆସ୍ଥା, ଏବଂ ସୁରକ୍ଷା ଭାବନା ବୃଦ୍ଧି କରେ। ଏହା ଆନନ୍ଦ ଓ ସନ୍ତୁଷ୍ଟିର ଅନୁଭୂତି ଦେଇଥାଏ, ଯାହା ମନକୁ ପ୍ରସନ୍ନ ରଖେ। ଏହା ଶରୀରର ପ୍ରାକୃତିକ ଯନ୍ତ୍ରଣାନାଶକ ଭାବେ କାମ କରେ। ଏହା ଶରୀରର ବିନ୍ଧାବିନ୍ଧି, ଶାରୀରିକ କ୍ଳାନ୍ତି ଏବଂ ଚାପ ଦୂର କରିବାରେ ସାହାଯ୍ୟ କରେ। ସେକ୍ସ ସମୟରେ କୋର୍ଟିସୋଲ୍ ସ୍ତର ହ୍ରାସ ପାଏ। ଫଳରେ ମାନସିକ ଦୁର୍ଶ୍ଚିନ୍ତା ଓ ଅବସାଦ କମିଥାଏ। ଯୌନ ସନ୍ତୁଷ୍ଟି ପରେ ପ୍ରୋଲାକ୍ଟିନ୍ ନାମକ ହର୍ମୋନ୍ ରିଲିଜ୍ ହୁଏ, ଯାହା ଶରୀରକୁ ସମ୍ପୂର୍ଣ୍ଣ ଆରାମ ଦେଇ ଗାଢ଼ ନିଦ୍ରା ଆଣିବାରେ ସାହାଯ୍ୟ କରେ। ଏକ ସୁସ୍ଥ, ନିୟମିତ ଏବଂ ଦାୟିତ୍ୱପୂର୍ଣ୍ଣ ଯୌନ ଜୀବନ ଦ୍ୱାରା ପୁରୁଷ ଓ ସ୍ତ୍ରୀଙ୍କ ଶରୀରରେ ଦୀର୍ଘମିଆଦୀ ପରିବର୍ତନ ଦେଖାଯାଏ: ନିୟମିତ ସୁସ୍ଥ ସମ୍ପର୍କ ଦ୍ୱାରା ଶରୀରରେ Immunoglobulin A ନାମକ ଆଟିଂବଡି ବୃଦ୍ଧି ପାଏ, ଯାହା ସାଧାରଣ ସଂକ୍ରମଣ ଓ ରୋଗରୁ ରକ୍ଷା କରେ। ଏହା ଏକ ପ୍ରକାରର ଶାରୀରିକ ବ୍ୟାୟାମ ଭାବେ କାମ କରେ, ଯାହା ହୃଦ୍‌ସ୍ପନ୍ଦନ ଓ ରକ୍ତଚାପକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ସ୍ତ୍ରୀମାନଙ୍କ କ୍ଷେତ୍ରରେ, ସୁସ୍ଥ ଯୌନ ସମ୍ପର୍କ ଦ୍ୱାରା ସ୍ରୋଣୀ ମାଂସପେଶୀ ମଜବୁତ୍ ହୋଇଥାଏ, ଯାହା ମୂତ୍ରାଶୟ ନିୟନ୍ତ୍ରଣ ଓ ଗର୍ଭାଶୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ପୁରୁଷମାନଙ୍କ କ୍ଷେତ୍ରରେ ନିୟମିତ ସ୍ଖଳନ ପ୍ରୋଷ୍ଟେଟ୍ ଗ୍ରନ୍ଥିକୁ ସୁସ୍ଥ ରଖିବାରେ ଏବଂ ପ୍ରୋଷ୍ଟେଟ୍ କର୍କଟ ର ଆଶଙ୍କା କମାଇବାରେ ସାହାଯ୍ୟ କରେ। ଯୌନ କ୍ରିୟା କେବଳ ଏକ ଶାରୀରିକ ସଙ୍ଗମ ନୁହେଁ, ଏହା ହର୍ମୋନ, ସ୍ନାୟୁ ଏବଂ ମାନସିକ ସ୍ଥିତିର ଏକ ଜଟିଳ ସମନ୍ୱୟ। ସମ୍ପର୍କରେ ପାରସ୍ପରିକ ସମ୍ମତି, ସୁରକ୍ଷା ଏବଂ ଭାବନାତ୍ମକ ସଂଯୋଗ ଥିଲେ ହିଁ ଏହି ସମସ୍ତ ପରିବର୍ତନଗୁଡ଼ିକ ଶରୀର ଓ ମନ ପାଇଁ ସକାରାତ୍ମକ ଏବଂ ସ୍ୱାସ୍ଥ୍ୟକର ସାବ୍ୟସ୍ତ ହୋଇଥାଏ। ଯୌବନାବସ୍ଥାରେ ପୁରୁଷଙ୍କ ଶରୀରରେ ଟେଷ୍ଟୋଷ୍ଟେରନ୍ ନାମକ ହର୍ମୋନର ମାତ୍ରା ପ୍ରଚୁର ପରିମାଣରେ ବୃଦ୍ଧି ପାଏ ଏହି ହର୍ମୋନ୍ ଯୁବକମାନଙ୍କ ମଧ୍ୟରେ ଯୌନ ଆକର୍ଷଣ, ଆକ୍ରାମକତା, ପ୍ରତିଯୋଗିତା ମନୋଭାବ, ଏବଂ ଶାରୀରିକ ସାହସ ବୃଦ୍ଧି କରିଥାଏ। ଇତିହାସରେ ଯୁଦ୍ଧ, ଶିକାର କିମ୍ବା ନିଜର ଆଧିପତ୍ୟ ବିସ୍ତାର କରିବା ପଛରେ ଏହି ହର୍ମୋନର ବଡ଼ ଭୂମିକା ରହିଛି। ଯୁବକମାନଙ୍କ ମସ୍ତିଷ୍କରେ ଡୋପାମାଇନ୍ ସିଷ୍ଟମ୍ ଅତ୍ୟନ୍ତ ସକ୍ରିୟ ଥାଏ। ନୂଆ ଜିନିଷ ଆବିଷ୍କାର କରିବା, କିଛି ରୋମାଂଚକର କାମ କରିବା କିମ୍ବା ରିସ୍କ ନେବା ଦ୍ୱାରା ମସ୍ତିଷ୍କରେ ଡୋପାମାଇନ୍ କ୍ଷରଣ ହୁଏ, ଯାହା ସେମାନଙ୍କୁ ଗଭୀର ଆନନ୍ଦ ଓ ଆତ୍ମସନ୍ତୋଷ ଦେଇଥାଏ। ଏହି କାରଣରୁ ସେମାନେ ନୂଆ ନୂଆ ଆବିଷ୍କାର ଓ ଦୁଃସାହସିକ କାର୍ଯ୍ୟ କରିବାକୁ ଉତ୍ସାହିତ ହୁଅନ୍ତି। ଯେତେବେଳେ କୌଣସି ବିପଦ, ଯୁଦ୍ଧ କିମ୍ବା ରୋମାଂଚକର ପରିସ୍ଥିତି ଆସେ, ସେତେବେଳେ ଶରୀରରେ ଆଡ୍ରେନାଲିନ୍ ନିର୍ଗତ ହୁଏ। ଏହା ହୃଦ୍‌ସ୍ପନ୍ଦନ ବଢ଼ାଇଦିଏ, ରକ୍ତସଚାଂଳନ ଦ୍ରୁତ କରେ ଏବଂ ସାହସର ସହ ସମ୍ମୁଖୀନ ହେବାକୁ କିମ୍ବା ଲଢ଼ିବାକୁ ପ୍ରସ୍ତୁତ କରେ। ମାନବ ମସ୍ତିଷ୍କର ଯେଉଁ ଭାଗଟି ନିଷ୍ପତ୍ତି ନେବା, ବିପଦ/ରିସ୍କ ଆକଳନ କରିବା ଏବଂ ନିଜ ଆବେଗକୁ ନିୟନ୍ତ୍ରଣ କରିବା କାମ କରେ, ତାହାକୁ ପ୍ରିଫ୍ରୋଟାଂଲ୍ କୋର୍ଟେକ୍ସ କୁହାଯାଏ। ଏହି ଭାଗଟି ସମ୍ପୂର୍ଣ୍ଣ ବିକଶିତ ହେବା ପାଇଁ ପ୍ରାୟ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ସମୟ ଲାଗିଥାଏ। ଅପରପକ୍ଷରେ, ଆବେଗ ଓ ପୁରସ୍କାର ପରିଚାଳନା କରୁଥିବା ଭାଗ ଖସଙ୍କଭସମ ଝଚ୍ଚସ୍ୱସ୍ତରଙ୍କ ଯୁବାବସ୍ଥାରେ ଅତି ସକ୍ରିୟ ଥାଏ। ଫଳରେ, ଯୁବକମାନେ ପରିଣାମ ବିଷୟରେ ଅଧିକ ନଭାବି ହଠାତ୍ ସାହସିକ, ରୋମାଂଚକର କିମ୍ବା ବିପଜ୍ଜନକ ନିଷ୍ପତି ନେଇପକାନ୍ତି। ଟେଷ୍ଟୋଷ୍ଟେରନ୍ ହର୍ମୋନ୍, ଡୋପାମାଇନ୍ ରସାୟନ, ଏବଂ ଅପରିପକ୍ୱ ମସ୍ତିଷ୍କ ନିୟନ୍ତ୍ରଣ ପ୍ରଣାଳୀର ସମ୍ମିଶ୍ରଣ ଯୁବକମାନଙ୍କୁ ସେକ୍ସ, ଯୁଦ୍ଧ, ଆବିଷ୍କାର ଏବଂ ବିପଜ୍ଜନକ କାର୍ଯ୍ୟ ଆଡ଼କୁ ଆକର୍ଷିତ କରିଥାଏ। ଏହି ପ୍ରକୃତିଗତ ଗଠନ ଯୋଗୁଁ ହିଁ ଯୁବପିଢ଼ି ସମାଜରେ ନୂତନ ପରିବର୍ତନ ଓ ଆବିଷ୍କାର ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି।

(ଲେଖକ – ଶ୍ରୀ ଏ ଆର ଖାନ, ଜାତୀୟସ୍ତରୀୟ ମାଷ୍ଟର ଟ୍ରେନର ଫାଷ୍ଟଏଡ , ଡିଜାଷ୍ଟର ମ୍ୟାନେଜମେଂଟ ଏବଂ କ୍ଲାଇମେଟଚେଞ୍ଜ )

# ରାଜନୀତି, କୂଟନୀତି ଓ ଭାରତର ବୈଦେଶିକ ନୀତି

ଆଜିର ବିଶ୍ୱ ଏକ ପରିବର୍ନ୍ତନର ଦ୍ୱାରଦେଶରେ ଦଣ୍ଡାୟମାନ। ଶୀତଳ ଯୁଦ୍ଧ ପରବର୍ନ୍ତୀ ଏକାଧିକ ବ୍ୟବସ୍ଥା ଦେଶ-ଦେଶ ମଧ୍ୟରେ ଥିବା ସମ୍ପର୍କ କେବଳ ପରସ୍ପରର ବାଣିଜ୍ୟ ଓ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ମଧ୍ୟରେ ସୀମିତ ନୁହେଁ, ବରଂ ପ୍ରତିଟି ଦେଶର ପ୍ରଚଳିତ ବିଦେଶ ନୀତି ଅନ୍ୟ ଦେଶର ସାମାଜିକ, ରାଜନୈତିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ବିସ୍ତାର କରିପାରେ। ଏକପକ୍ଷରେ ଆମେରିକା-ଚୀନ ମଧ୍ୟରେ ମୁଖ୍ୟତଃ ପ୍ରତିରକ୍ଷା ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା, ଅନ୍ୟପକ୍ଷରେ ରୁଷ-ୟୁକ୍ରେନ ସଂଘର୍ଷ ଏବଂ ଆମେରିକା ଇସ୍ରାଏଲ ସହିତ ଇରାନର ଯୁଦ୍ଧ ପରବର୍ନ୍ତୀ ସାମରିକ ଓ ଆର୍ଥିକ ବିବାଦ ଲାଗିରହିଛି। ଅନ୍ୟପକ୍ଷରେ ପଶ୍ଚିମ ଏସିଆରେ ଅସ୍ଥିରତା, ସମଗ୍ର ବିଶ୍ୱରେ ଜଳବାୟୁର ପରିବର୍ନ୍ତନ, ଶକ୍ତି, ସୁରକ୍ଷା ଓ ପ୍ରଯୁକ୍ତିଗତ କୌଶଳ ବିଶ୍ୱ ରାଜନୀତିକୁ ଏକ ନୂତନ ଦିଗ୍ଦର୍ଶନ ଦେଇଛି। ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ରାଜନୀତି, କୂଟନୀତି ଓ ଭାରତର ବିଦେଶ ନୀତି କେବଳ ଯେ ଏକ ଶିକ୍ଷାଗତ ଆଲୋଚନା ତାହା ନୁହେଁ, ବରଂ ଏହା ଭାରତର ଜାତୀୟ ସୁରକ୍ଷା, ଆର୍ଥିକ ପ୍ରଗତି ଓ ବିଶ୍ୱନେତୃତ୍ୱ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ। ଆନ୍ତର୍ଜାତିକ ରାଜନୀତି ଦେଶ-ଦେଶ ମଧ୍ୟରେ ଥିବା ଶକ୍ତି, ସ୍ୱାର୍ଥ ଓ ଅନ୍ୟ ଦେଶ ଉପରେ ପ୍ରଭାବ ବିସ୍ତାର କରିପାରିବାର କ୍ଷମତା ଉପରେ ପର୍ଯ୍ୟବେସିତ। ପ୍ରତ୍ୟେକ ଦେଶ ନିଜ ଦେଶର ସାର୍ବଭୌମତ୍ୱ, ସୁରକ୍ଷା ଓ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଇଥାଏ। ଏହି କାରଣରୁ ଦେଶ-ଦେଶ ମଧ୍ୟରେ ହେଉଥିବା ମିତ୍ରତା ଓ ଶତ୍ରୁତାର ପରିଭାଷା ମଧ୍ୟ ସମୟ ବିଶେଷରେ ପରିବର୍ନ୍ତିତ ହୋଇଥାଏ। ଏହାକୁ ସେହି ଦେଶର 'ବୈଦେଶିକ ନୀତି' କୁହାଯାଏ। ପୂର୍ବେ ଗୋଟିଏ ଦେଶର ସାମରିକ ଶକ୍ତିକୁ ଆନ୍ତର୍ଜାତିକ ପ୍ରଭାବର ପ୍ରମୁଖ ପରିମାପକ ଭାବରେ ଦେଖାଯାଉଥିଲା। ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ରୁଷ ପରି ବିଶ୍ୱର ଦୁଇ ପ୍ରମୁଖ ଶକ୍ତିଶାଳୀ ଦେଶ ସମଗ୍ର ବିଶ୍ୱରେ ସେମାନଙ୍କ ପ୍ରଭାବ ବିସ୍ତାର କରିଥିଲେ। ଅନେକ ବର୍ଷ ଧରି ପରମାଣୁ ଶକ୍ତିସମ୍ପନ୍ନ ଉଭୟ ଦେଶ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା। ପରବର୍ନ୍ତୀ ସମୟରେ ସୋଭିଏତ ରୁଷ ବିଭାଜିତ ହେବାପରେ ଶୀତଳ ଯୁଦ୍ଧର ଅବସାନ ହେଲା। କିନ୍ତୁ କେବଳ ସାମରିକ କ୍ଷେତ୍ରରେ ନୁହେଁ, ବିଜ୍ଞାନ ଓ କୌଶଳଗତ ପ୍ରଯୁକ୍ତିବିଦ୍ୟାରେ ରୁଷ ନିଜର ଦକ୍ଷତା ବୃଦ୍ଧି କଲା। ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ପରି କେତେକ ଶକ୍ତିଶାଳୀ ଦେଶକୁ ନେଇ 'ନାଟୋ' ସଂଗଠନ ପ୍ରସ୍ତୁତ କଲା। ଏହି ଦେଶଗୁଡିକ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ରହିଲା ଯେ 'ନାଟୋ' ଦେଶଗୁଡିକ ମଧ୍ୟରୁ ଯେକୌଣସି ଦେଶକୁ ଆକ୍ରମଣ ହେଲେ ତାହାକୁ 'ନାଟୋ' ସଂଗଠନ ନିଜ ଉପରେ ଆକ୍ରମଣ ମନେକରି ପ୍ରତିହତ କରିବ। ସମୟକ୍ରମେ ପରମାଣୁ ଶକ୍ତିସମ୍ପନ୍ନ ଆମେରିକା, ରୁଷିଆ, ଚୀନ, ଫ୍ରାନ୍ସ ଓ ବ୍ରିଟେନ ପରି ଶକ୍ତିଶାଳୀ ଦେଶଗୁଡିକ ସାଧାରଣ ପରିଷଦରେ ସେମାନଙ୍କ ପ୍ରଭାବ ବିସ୍ତାର କଲେ। ସେମାନଙ୍କ ନିକଟରେ 'ଭିଟୋ' ଶକ୍ତି ପ୍ରୟୋଗ କରିବାର ଅଧିକାର ରହିଲା। ସେମାନେ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ରହି ସାମଗ୍ରିକ ଭାବରେ ଆନ୍ତର୍ଜାତିକ ରାଜନୀତିର ମୁଖ୍ୟ କର୍ଣ୍ଣଧାର ହେଲେ। ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର କାର୍ଯ୍ୟକାରିତା ଓ ନିୟମାବଳୀ ବାସ୍ତବିକ ଭାବରେ ଦେଖିବାକୁ ଗଲେ ଆମେରିକା ହାତରେ ରହିଲା। 'ଅପରେସନ ସିନ୍ଦୂର' ସମାପ୍ତି ହେବା ପୂର୍ବରୁ ଆମେରିକାର ଅନୁମୋଦନ କ୍ରମେ ପାକିସ୍ତାନକୁ ଏହିସବୁ ସଂସ୍ଥାମାନଙ୍କ ଜରିଆରେ ଯୁଦ୍ଧର କ୍ଷୟକ୍ଷତି ଭରଣା କରିବା ପାଇଁ ବିପୁଳ ପରିମାଣର ଅର୍ଥ ସାହାଯ୍ୟ ଦିଆଯାଇଥିଲା। ପାକିସ୍ତାନ ଏକ ଆତଙ୍କବାଦୀ ରାଷ୍ଟ୍ର ଏବଂ ଭାରତବିରୋଧୀ ଜାଣି ସୁଦ୍ଧା ଆଜିପର୍ଯ୍ୟନ୍ତ ଏହା ଆମେରିକାର ଏକ ବନ୍ଧୁ ରାଷ୍ଟ୍ର ହୋଇ ରହିଛି। ପରମାଣୁ ଶକ୍ତିସମ୍ପନ୍ନ ପାକିସ୍ତାନକୁ କୂଟନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି। ଇସ୍ରାଏଲ ଆମେରିକାର ଇରାନ ଉପରେ ଅତର୍କିତ ଆକ୍ରମଣ ଓ ସଂଘର୍ଷ ଏବଂ ପରବର୍ନ୍ତୀ ସମୟରେ ପାକିସ୍ତାନର ମଧ୍ୟସ୍ଥିରେ ଯୁଦ୍ଧବିରତି ଓ ଯୁଦ୍ଧ ପରିସମାପ୍ତି ଫଳରେ ବିଶ୍ୱ ଦରବାରରେ ପାକିସ୍ତାନର ଲୋକପ୍ରିୟତା ବଢ଼ିଛି। ବର୍ନ୍ତମାନର ବିଶ୍ୱ ବ୍ୟବସ୍ଥାରେ କୌଣସି ଏକ ଦେଶ ଏକାକୀ ନିଜର ସୁରକ୍ଷା ସହିତ ଅର୍ଥନୀତି ଓ କୂଟନୀତିକ ସ୍ୱାର୍ଥକୁ ସୁରକ୍ଷିତ ରଖିପାରିବ ନାହିଁ। ଏହି ପରିପ୍ରେକ୍ଷୀ ରେ ସାଂଘାଇ ସହଯୋଗ ସଂଗଠନ (ଝଉଙ: ଝବଭଶଷବସ ଉକ୍ଟକ୍ଟକ୍ତରକ୍ସବସ୍ତସକ୍ଟଭ ଙକ୍ସଶବଭସସ୍ୱବସ୍ତସକ୍ଟଭ) ୟୁରେସିଆ ଅଚଂଳର ଏକ ପ୍ରଭାବଶାଳୀ ମଚଂ ଭାବରେ ଦଣ୍ଡାୟମାନ। ଏହି ସଂଗଠନରେ ଚୀନ, ଭାରତ, ରୁଷ, ପାକିସ୍ତାନ, ଇରାନ ସମେତ ମଧ୍ୟଏସିଆର ଦେଶଗୁଡିକ ରହିଛନ୍ତି। ସେହିପରି ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ସମେତ ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ରାଷ୍ଟ୍ର ପରି ଦେଶଗୁଡ଼ିକୁ ନେଇ ବ୍ରିକ୍ସ (ଈଜଓଉଝ) ସଂଗଠନ ଗଠିତ। ଏହି ସଂଗଠନଗୁଡ଼ିକ ମୁଖ୍ୟତଃ ଆଲୋଚନା, ସହଯୋଗ ଓ ଆଚଂଳିକ ସ୍ଥିରତାର ମଚଂ। ଏହା ଭାରତର ଅର୍ଥନୈତିକ, ପ୍ରଯୁକ୍ତିଗତ ଓ ବୈଶ୍ୱିକ ପ୍ରଭାବ ବୃଦ୍ଧିରେ ସହାୟକ ହୁଏ। ଯଦିଓ ଏହି ସଂଗଠନଗୁଡ଼ିକ 'ନାଟୋ' ଦେଶ ପରି ଏକ ସାମରିକ ମେଚଂ ନୁହେଁ, ତଥାପି ବିଶ୍ୱ ରାଜନୀତିରେ ଏହି ସଂଗଠନଗୁଡ଼ିକର ଗୁରୁତ୍ୱ କ୍ରମଶଃ ବୃଦ୍ଧିପାଉଛି। ଅନ୍ୟ ଦେଶମାନଙ୍କ ସହିତ ଭାରତ କିପରି ସମ୍ପର୍କ ସ୍ଥାପନ କରିବ ଓ ନିଜ ଜାତୀୟ ସ୍ୱାର୍ଥକୁ କିପରି ଭାବରେ ରକ୍ଷାକରିବ ସେଥିପାଇଁ ଆମ ଦେଶ ଗ୍ରହଣ କରିଥିବା ନୀତି ଓ କାର୍ଯ୍ୟପଦ୍ଧତିକୁ 'ବୈଦେଶିକ ନୀତି' କୁହାଯାଏ। ଭାରତର ବୈଦେଶିକ ନୀତିର ଉଦ୍ଦେଶ୍ୟ ଜାତୀୟ ସ୍ୱାଧୀନତା ତଥା ସାର୍ବଭୌମତ୍ୱର ସୁରକ୍ଷା। ବିଦେଶରେ ଥିବା ଭାରତୀୟମାନଙ୍କର ସ୍ୱାର୍ଥ ରକ୍ଷା କରିବା, ଆତଙ୍କବାଦ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେଉଛି ଭାରତୀୟ ବିଦେଶ ନୀତିର ମୂଳ ନୀତି। ରଣନୀତିଗତ ସ୍ୱାଧୀନତା (ଝସ୍ତ୍ରକ୍ସବସ୍ତରଶସମ ବଙ୍କସ୍ତକ୍ଟଭକ୍ଟଞ୍ଚଚ), ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଆନ୍ତର୍ଜାତିକ ଆଇନ ପ୍ରତି ସମ୍ମାନ, ବହୁପକ୍ଷୀୟ ସହଯୋଗ (ଗଙ୍କକ୍ଷସ୍ତସକ୍ଷବସ୍ତରକ୍ସବକ୍ଷସସ୍ୱଞ୍ଚ) ସାମ୍ପ୍ରତିକ ବୈଦେଶିକ ନୀତିର ପ୍ରମୁଖ ଦିଗ। ତେଣୁ ପ୍ରାଥମିକ ଭାବରେ ପଡ଼ୋଶୀ ଦେଶମାନଙ୍କ ସହିତ ସମ୍ପର୍କ ସୁଦୃଢ଼ କରିବା (ଘରସଶଷଭକ୍ଟକ୍ସଷକ୍ଟକ୍ଟୟ ଲସକ୍ସସ୍ୱସ୍ତ କ୍ତକ୍ଟକ୍ଷସମଚ), ପୂର୍ବ ଓ ଦକ୍ଷିଣ-ପୂର୍ବ ଏସିଆରେ ଥିବା ଦେଶଗୁଡିକ ସହିତ ସହଯୋଗ ବୃଦ୍ଧିକରିବା, ଭାରତ ମହାସାଗରରେ ଥିବା ଅଚଂଳରେ ସୁରକ୍ଷା ବ୍ୟବସ୍ଥା କରିବା ସହିତ ବିକାଶକୁ ପ୍ରାଧାନ୍ୟ ଦେବା ଆମ ବୈଦେଶିକ ନୀତିର ଅନ୍ୟ ଏକ ଦିଗ। ଆନ୍ତର୍ଜାତିକ ରାଜନୀତି ଆମକୁ ବିଶ୍ୱରେ ଘଟୁଥିବା ଭିନ୍ନ ଭିନ୍ନ ଘଟଣା ଓ ସେହି ଘଟଣାରେ ସମ୍ପୃକ୍ତ ଦେଶମାନଙ୍କ ବିଷୟରେ ଜଣାଏ। 'କୂଟନୀତି' ସେହି ସମ୍ପର୍କକୁ ସୁଚାରୁ ରୂପେ ପରିଚାଳନା କରିବାର ଏକ ମାଧ୍ୟମ ଅଟେ। ସଂକ୍ଷେପରେ କହିବାକୁ ଗଲେ, ଭାରତର ବୈଦେଶିକ ନୀତି ହେଉଛି ବିଶ୍ୱ ସମୁଦାୟରେ ଭାରତୀୟ ଜାତୀୟ ସ୍ୱାର୍ଥର ସୁରକ୍ଷା ଓ ବିକାଶକୁ ସୁନିଶ୍ଚିତ କରିବାର ରଣନୀତି। ସମୟ ଓ ପରିସ୍ଥିତି ଅନୁସାରେ ଏବଂ ଦେଶ ମଧ୍ୟରେ ସରକାର ପରିବର୍ନ୍ତନ ହେଲେ ଏହି ବୈଦେଶିକ ନୀତି ପରିବର୍ନ୍ତନ ହୁଏ। ନିଜ ଦେଶ ମଧ୍ୟରେ ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ବୈଦେଶିକ ବାଣିଜ୍ୟକୁ ପ୍ରୋତ୍ସାହନ ସହିତ ଆନ୍ତର୍ଜାତିକ ସହଯୋଗ ବୃଦ୍ଧି କରିବା ଆବଶ୍ୟକ। ଆଜିର ଦିନରେ ଅର୍ଥନୈତିକ କ୍ଷମତା, ପ୍ରଯୁକ୍ତିଗତ ଉନ୍ନତି, ସାଂସ୍କୃତିକ ପ୍ରଭାବ, ଦେଶର ଭୌଗୋଳିକ ସ୍ଥିତି ତଥା ସେହି ଦେଶର କୂଟନୈତିକ ଦକ୍ଷତା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଯେଉଁ ଦେଶ ଏହିସବୁ ବିଷୟରେ ସନ୍ତୁଳନ ରକ୍ଷା କରିପାରିବ, ସେହି ଦେଶ ବିଶ୍ୱ ବ୍ୟବସ୍ଥାରେ ନିଜର ପ୍ରଭାବ ବିସ୍ତାର କରିପାରିବ। ସବୁବେଳେ ଯୁଦ୍ଧ କୌଣସି ଏକ ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ରୁଷ-ୟୁକ୍ରେନ ଯୁଦ୍ଧ ହେଉ କି ଆମେରିକା-ଇସ୍ରାଏଲ ସହିତ ଇରାନର ଯୁଦ୍ଧ ହେଉ, ଜୋର ଯା'ର ମୂଲକ ତା'ର ନୀତିରେ କୌଣସି ଦେଶ ଅନ୍ୟ ଏକ ପ୍ରଭାବଶାଳୀ ଦେଶର ଗୋଡ଼ାଣିଆ ହେବା ସହଜପାଠ୍ୟ ନୁହେଁ। ଇରାନ ଏହି ସନ୍ଦେଶ ଆମେରିକାକୁ ଦେଇସାରିଛି। ଆନ୍ତର୍ଜାତିକ ସ୍ତରରେ 'କୂଟନୀତି' ଏକ ସମକ୍ଷ ଯୁଦ୍ଧର ବିକଳ୍ପ ଏବଂ ଶାନ୍ତିର ମାଧ୍ୟମ ହୋଇପାରେ। ଏହା ପ୍ରାୟତଃ ବିନା ଯୁଦ୍ଧରେ ଜାତୀୟ ସ୍ୱାର୍ଥ ହାସଲ କରିବାର ଏକ କଳା। ଏହା କେବଳ ଚୁକ୍ତି ସ୍ୱାକ୍ଷର କିମ୍ବା ଜି-୭, କ୍ୱାଡ୍, ବ୍ରିକ୍ସ ପରି ସଂଗଠନର ଉଚ୍ଚସ୍ତରୀୟ ବୈଠକ ମଧ୍ୟରେ ସୀମିତ ନୁହେଁ। ଏହା ହେଉଛି ପରସ୍ପର ପ୍ରତି ବିଶ୍ୱସନୀୟ ହେବାର ଏକ ପ୍ରୟାସ। ଏଥିପାଇଁ ବିଭିନ୍ନ ସଙ୍କଟ ସମୟରେ ପରସ୍ପର ପ୍ରତି ଆସ୍ଥାଭାଜନ ହୋଇ ସହଯୋଗର ବାତାବରଣ ସୃଷ୍ଟି କରିପାରିଲେ କୂଟନୀତି ସଫଳ ହୁଏ। ଭାରତ ଗୋଟିଏ ପକ୍ଷରେ ଇସ୍ରାଏଲ ଓ ଆମେରିକା ସହିତ ପ୍ରତିରକ୍ଷା ଓ ପ୍ରଯୁକ୍ତିର ସହଯୋଗ, ରୁଷିଆ ସହିତ ପାରମ୍ପରିକ ଐତିହାସିକ ସମ୍ପର୍କକୁ ବଜାୟ ରଖି ପରମାଣୁ ଉର୍ଜା, ଶକ୍ତି ଓ ମିଳିତ ସାମରିକ ଅଭ୍ୟାସ, ଇରାନ ସହିତ ଉର୍ଜା ଓ ସଂଯୋଗ ପ୍ରକଳ୍ପ ଏବଂ ଚୀନ ସହିତ ଦୀର୍ଘକାଳୀନ ସୀମାବିବାଦ ରହିଥିବା ସତ୍ତ୍ୱେ ବାଣିଜ୍ୟିକ ସମ୍ପର୍କ ହେଉଛି ଭାରତର ବହୁମୁଖୀ କୂଟନୀତିର ପରିଣାମ। ବାସ୍ତବରେ ଦେଖିବାକୁ ଗଲେ, ସବୁବେଳେ ଏହି ପ୍ରକାର ସନ୍ତୁଳନ ବଜାୟ ରଖିବା ଏତେଟା ସହଜ ନୁହେଁ। ଏକଥା ମଧ୍ୟ ସତ୍ୟ ଯେ, ବିଶ୍ୱ ରାଜନୀତିର ଦ୍ରୁତ ପରିବର୍ନ୍ତନ ଦ୍ୱାରା ରୁଷିଆ ତଥା ଆମେରିକା ପରି ଶକ୍ତିଶାଳୀ ସାମ୍ରାଜ୍ୟବାଦୀ ଦେଶଗୁଡିକ ମଧ୍ୟ ଭାରତ ପରି ଏକ ସର୍ବବୃହତ ଜନବହୁଳ ଦେଶ ସହିତ ଉନ୍ନମ ବାଣିଜ୍ୟ ସମ୍ପର୍କ ରଖିବାକୁ ଚେଷ୍ଟା କରନ୍ତି। ଏଥିପାଇଁ ଭାରତର କୋହଳ ବୈଦେଶିକ ନୀତିର ଭୂମିକା ନିଶ୍ଚିତ ଭାବେ ପ୍ରଶଂସନୀୟ।

## 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ନ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଂଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ନ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ନ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ହେପାଟାଇଟିସ୍ କଣ ? : ଲିଭର ଫୁଲିଯିବା, ପେଟରେ ଯନ୍ତ୍ରଣା ଅନୁଭୂତ ହେବା ବା ଜଣ୍ଡିସ୍ ହେଲେ ତାହା ହେପାଟାଇଟିସ୍ ବୋଲି କୁହାଯାଏ। ଜୀବାଣୁ ଜନିତ ଏହା ଏକ ସଂକ୍ରମିତ ରୋଗ। ନିଶାଦ୍ରବ୍ୟ, ମଦ୍ୟପାନ ଓ ଅତ୍ୟଧିକ ଔଷଧ ସେବନର କୁପ୍ରଭାବରୁ ମଧ୍ୟ ହେପାଟାଇଟିସ୍ ହେବାର ଆଶଙ୍କା ଥାଏ। ହେପାଟାଇଟିସ୍ ବି, ଏବଂ ସି ଅଧିକ ମାରାତ୍ମକ ରୋଗ। ହେପାଟାଇଟିସ୍-ଏ : କେତେକ ଖାଦ୍ୟ ପଦାର୍ଥ ଓ ପାଣିରୁ ହେପାଟାଇଟିସ୍-ଏ ଭୂତାଣୁ ବ୍ୟକ୍ତି ଶରୀରକୁ ପ୍ରବେଶ କରିଥାଏ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଶ୍ରୀକ୍ଷେତ୍ରରେ ବାବେବିରା ଗାୟତ୍ରୀ ପରିବାରର ନିଷ୍ଠାପର ସେବା: ରଥଯାତ୍ରାରେ ସଫେଇ ସେବା ପ୍ରଦାନ କରି ପ୍ରଶଂସିତ



ରେଙ୍ଗାଲିକ୍ୟାମ୍ପ,୨୮/୭(ନି/ପ୍ର): ପବିତ୍ର ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ର ପୁରୀଧାମରେ ସେବା ପ୍ରଦାନ କରି ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ? ଅନ୍ତର୍ଗତ ବାବେବିରା ଗ୍ରାମର ଗାୟତ୍ରୀ ପରିବାର ଆଚଂଳିକ ସ୍ତରରେ ପ୍ରଶଂସାର ପାତ୍ର ହୋଇଛନ୍ତି। ପୁରୀସ୍ଥିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଶ୍ରୀକ୍ଷେତ୍ରରେ ସେବାୟତ ଭାବେ ସେବା ପ୍ରଦାନ କରିବା ପାଇଁ ଆସିଥିବା ନିମନ୍ତ୍ରଣକୁ ସ୍ୱୀକାର କରି ବାବେବିରା ଗାୟତ୍ରୀ ପରିବାରର ସଦସ୍ୟମାନେ ଗତ ୨୦ ତାରିଖରୁ ପୁରୀ ଅଭିମୁଖେ ଯାତ୍ରା କରିଥିଲେ ।ପୁରୀରେ ପହଚିଂବା ପରେ ପ୍ରଥମେ ସେବାୟତମାନେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ଦର୍ଶନ କରି ପ୍ରଭୁଙ୍କ କୃପା ଆଶୀର୍ବାଦ ଏବଂ ଆଜ୍ଞାମାଳ ଗ୍ରହଣ କରିଥିଲେ। ଏହାପରେ ସେମାନେ ନିଜର ନିଷ୍ଠାପର ସେବା କାର୍ଯ୍ୟ ଆରମ୍ଭ କରିଥିଲେ ।ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗାୟତ୍ରୀ ପରିବାରର ସଦସ୍ୟମାନେ ଶ୍ରୀକ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସଫେଇ କାର୍ଯ୍ୟ ଜାରି ରଖିଛନ୍ତି। ବିଶେଷକରି:ନବକଳେବର ରାସ୍ତାରୁ ବଡ଼ଦାଣ୍ଡ,ଶ୍ରୀଗୁଣ୍ଡିଚା ମନ୍ଦିର ପରିସର,ପବିତ୍ର ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଅଂଚଳ, ଅଠର ନଳା ଓ ସିଂହଦ୍ୱାର ଏହିସବୁ ପ୍ରମୁଖ ସ୍ଥାନଗୁଡ଼ିକରେ ଗାୟତ୍ରୀ ପରିବାରର ସଦସ୍ୟମାନେ ନିରବଚ୍ଛିନ୍ନ ଭାବେ ସ୍ୱଚ୍ଛତା ସେବା ଯୋଗାଇ ଦେଉଛନ୍ତି ।ଜଗନ୍ନାଥ ସଂସ୍କୃତି, ସ୍ୱଚ୍ଛତା ଓ ମାନବ ସେବା ପ୍ରତି ସେମାନଙ୍କର ଏହି ନିଷ୍ଠା ଓ ସମର୍ପଣ ଭାବକୁ ବାବେବିରା ତଥା ସମଗ୍ର ଅତାବିରା ଅଚଂଳରେ ଭୂୟସୀ ପ୍ରଶଂସା କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ସେମାନଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଛନ୍ତି ।ସୂଚନାଯୋଗ୍ୟ ଯେ, ଶ୍ରୀକ୍ଷେତ୍ରରେ ସଫଳତାର ସହ ସେବା କାର୍ଯ୍ୟ ସମ୍ପାଦନ କରିବା ପରେ ଗାୟତ୍ରୀ ପରିବାରର ଏହି ସେବାୟତ ଦଳ ଆସନ୍ତା ୨୭ ତାରିଖରେ ନିଜ ଗ୍ରାମ ବାବେବିରାକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସେବା ଦାନ କରି ପାରିଥିବାରୁ ସେମାନେ ନିଜକୁ ଧନ୍ୟ ମନେ କରିଛନ୍ତି।

## ସୁଶାନ୍ତ ସିଂଙ୍କ ବିୟୋଗରେ ହୀରାଲାଲ ବେହେରାଙ୍କ ଶୋକ ପ୍ରକାଶ



ସମ୍ବଲପୁର,୨୮/୭(ନି/ପ୍ର): ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି ଓ ତାଙ୍କ ବିୟୋଗରେ ରେ ବିଜୁ ଯୁବ ଜନତା ଦଳ ର ରାଜ୍ୟ ଉପ ସଭାପତି ଶ୍ରୀ ହୀରାଲାଲ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ଶ୍ରୀ ବେହେରା ଶୋକ ପ୍ରକାଶ କରି କହିଛନ୍ତି ଯେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ଓ ମା' ସମଲେଶ୍ୱରୀ ଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

## ପାଚିକା ଓ ସହାୟିକାଙ୍କ କର୍ମଶାଳା

ଜୟପୁର,୨୮/୭(ନି/ପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶନାରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ତରଫରୁ ପାଚିକା ସହାୟିକା ମାନଙ୍କର ଏକ କର୍ମଶାଳା ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ଜେଇଏଲସି ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି ।

# ସୁନାବେଶ ଦେଖି ଫେରୁଥିବା ବେଳେ ଅଘଟଣ: କାର-ତେଲ ଟ୍ୟାଙ୍କର୍ ମୁହାଁମୁହିଁ ଧକ୍କା, ୬ ଗୁରୁତର



ପୁରୁଣାକଟକ,୨୮/୭(ନି/ପ୍ର): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାରିଙ୍ଗ ନିକଟରେ ଏକ ମର୍ମନ୍ତୁଦ ସଡକଦୁର୍ଘଟଣାଘଟିଛି । ଏକ କାର ଓ ପେଟ୍ରୋଲ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କାରରେ ଥିବା ୬ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନା ଅନୁଯାୟୀ ବୌଦ୍ଧ ପଟରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ପେଟ୍ରୋଲ ଟ୍ୟାଙ୍କର ଓ ପୁରୀରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା କାର ସହ ଧକ୍କା ହୋଇଥିଲା। ଫଳରେ କାରଟି ୨୦ ଫୁଟ ରାସ୍ତା ତଳକୁ ଖସିଥିବା ବେଳେ କାରରେ ଥିବା ସମସ୍ତ ୬ ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଆଡନିଗଡ଼ ଫାଣ୍ଡି ଅଧିକାରୀ ପ୍ରଦୀପ ବେହେରା ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୧୦୮ ଆମ୍ବୁଲାନ୍ସ ସହାୟତାରେ ସମସ୍ତ ଆହତଙ୍କୁ ପ୍ରଥମେ ଆଡନିଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଝିଲି ମହାପାତ୍ର (୪୧) ଓ ରାମକୃଷ୍ଣ ମହାପାତ୍ର (୪୭) ଆଦି ଦୁଇ ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଦୁର୍ଘଟଣା ପରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ହୋଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଚିଂ ଯାନବାହନ ଚଳାଚଳ ସ୍ୱାଭାବିକ ଘଟଣା ତଦନ୍ତ ଚାଲିଥିବା ପୁରୁଣାକଟକ ଥାନା ଅଧିକାରୀ ରଞ୍ଜିତ ମୁନୀ ସୂଚନା ଦେଇଛନ୍ତି ।

# ଟୋକନ୍ ଅପେକ୍ଷାରେ ୭୫ ଚାଷୀ ; ବର୍ଷାରେ ଖୋଲା ଆକାଶ ତଳେ ପଡ଼ିରହିଛି ରବିଧାନ

ଝାରୁସୁଗୁଡ଼ା,୨୮/୭(ନି/ପ୍ର):ହୀରାକୁଦ ବୁଡ଼ି ଅଂଚଳରେ ରବିଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥା ଯୋଗୁଁ ଅନେକ ଚାଷୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସମବାୟ ସମିତି ମାଧ୍ୟମରେ ନିୟମିତ ପଞ୍ଜିକରଣ କରିଥିଲେ ମଧ୍ୟ ସମୟରେ ଟୋକନ ନ ମିଳିବାରୁ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ରବିଧାନ ବିକ୍ରି କରିପାରି ନାହାନ୍ତି। ଏହାଫଳରେ ବର୍ଷା ଋତୁରେ ଖୋଲା ଆକାଶ ତଳେ ଗଚ୍ଛିତ ଧାନ ନଷ୍ଟ ହେବାର ଆଶଙ୍କା ବଢ଼ିବା ସହ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ସୂଚନା ଅନୁଯାୟୀ, ରାଜ୍ୟ ଯୋଗାଣ ବିଭାଗର ବିଜ୍ଞପ୍ତି ଅନୁସାରେ ହୀରାକୁଦ ବୁଡ଼ି ଅଂଚଳର ୭୯୬ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ସମବାୟ ସମିତିରେ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟୋକନ ପାଇ ମଣ୍ଡିରେ ଧାନ ବିକ୍ରି କରିଥିବାବେଳେ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ଟୋକନ ପାଇନାହାନ୍ତି। ଫଳରେ ସେମାନେ ଆର୍ଥିକ ସଙ୍କଟରେ ପଡ଼ିଥିବା ଅଭିଯୋଗ କରିଛନ୍ତି। ଲଖନପୁର ବ୍ଲକ ଭିକମପାଲି ସମବାୟ ସମିତି ଅଧୀନ ପଲସଦା ଗ୍ରାମର ଚାଷୀ ଅଦ୍ୱୈତ ମେହେର, ମଣିରାମ ସା, ଗୋପାଳ ମେହେର, ଜୟ କୁମାର ସା ଓ ଦେବାନନ୍ଦ ସାଙ୍କର ୮୦୦ରୁ ଅଧିକ ବସ୍ତା ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ। ଘରେ ସ୍ଥାନ ଅଭାବରୁ ସେମାନେ ବାଧ୍ୟ ହୋଇ ଟ୍ରାକ୍ଟର ଟ୍ରଲି ଓ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଧାନବସ୍ତା ରଖିଛନ୍ତି। ଲଗାଣ ବର୍ଷା ଜାରି ରହିଥିବାରୁ ଖୋଲା ସ୍ଥାନରେ ଥିବା ଧାନର ଗୁଣବତା ହ୍ରାସ ପାଇବା ସହ ବ୍ୟାପକ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ପଟେ ଖରିଫ ଧାନ ରୁଆ କାମ ଓ ଅନ୍ୟପଟେ ଅମଳ ହୋଇଥିବା ରବିଧାନ ବିକ୍ରି ହୋଇନପାରିବାରୁ ଚାଷୀମାନେ ମାନସିକ ଓ ଆର୍ଥିକ ଚାପରେ ରହିଛନ୍ତି। ପ୍ରଶାସନିକ ସମନ୍ୱୟର ଅଭାବ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଟୋକନ ବଂଚିତ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଟୋକନ ପ୍ରଦାନ କରି ଅବଶିଷ୍ଟ ରବିଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ତତ୍ପରତାର ସହ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଲାଇନ୍‌ଚ୍ୟୁତ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ




ବଲାଙ୍ଗୀର,୨୮/୭(ନି/ପ୍ର): ବଲାଙ୍ଗୀରଜିଲ୍ଲା ଟିଟିଲାଗଡ଼ରେ କୋଇଲା ବୋଝେଇ ଏକ ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଲାଇନ୍‌ଚ୍ୟୁତ ହୋଇଛି । ସୂଚନା ଅନୁସାରେ, ବଲାଙ୍ଗୀର ପଟୁ ଆସୁଥିବା ସମୟରେ ଟିଟିଲାଗଡ଼-ସିଙ୍କେର ମୁଖ୍ୟ ରେଳପଥରେ ଏହି ଅଘଟଣ ଘଟିଥିଲା। ହଠାତ୍ ଟ୍ରେନ୍‌ର ଗୋଟିଏ ବଗି ରେଳଧାରଣାରୁ ଖସିଯିବାରୁ ସମଗ୍ର ଲାଇନ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଘଟଣା ସଂପର୍କରେ ଖବର ପାଇବା ମାତ୍ରେ ରେଳ ବିଭାଗର ଅଧିକାରୀ ଏବଂ ଟେକ୍ନିକାଲ୍ ଟିମ୍ ଘଟଣାସ୍ଥଳରେ ପହଚିଂ ପରିସ୍ଥିତିର ସମୀକ୍ଷା କରିଥିଲେ। ଲାଇନ୍‌ଚ୍ୟୁତ ବଗିକୁ ପୁଣି ରେଳଧାରଣାକୁ ଆଣିବା ସହ ରେଳପଥକୁ ସ୍ୱାଭାବିକ କରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି । ଏହି ଘଟଣା ଯୋଗୁଁ ଟିଟିଲାଗଡ଼-ସିଙ୍କେର ରୁଟ୍‌ରେ ଟ୍ରେନ୍ ଚଳାଚଳ ସାମୟିକ ଭାବେ ପ୍ରଭାବିତ ହୋଇଥିବାବେଳେ କେତେକ ଟ୍ରେନ୍‌ର ସମୟସୂଚୀରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ତେବେ ଏହି ଦୁର୍ଘଟଣାରେ କୌଣସି ଜନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ, କାରଣ ଏହା ଏକ ମାଲବାହୀ ଟ୍ରେନ୍ ଥିଲା । ଲାଇନ୍‌ଚ୍ୟୁତ ହେବାର ପ୍ରକୃତ କାରଣ କଣ, ତାହା ଜାଣିବା ପାଇଁ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଯଥାଶୀଘ୍ର ରେଳପଥ ସ୍ୱାଭାବିକ କରି ଟ୍ରେନ୍ ଚଳାଚଳ ପୁନରୁଦ୍ଧାର କରିବାକୁ ପଦକ୍ଷେପ ନିଆଯାଉଛି ।

## ସିଟି ହାଇସ୍କୁଲରେ ସିୱା ପକ୍ଷରୁ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା

ଜୟପୁର,୨୮/୭(ନି/ପ୍ର): ସ୍ୱେଚ୍ଛାସେବୀ ସଂଗଠନ ସିୱା ପକ୍ଷରୁ ଆଜି ଜୟପୁର ସିଟି ହାଇସ୍କୁଲରେ ଜି. ଭି. ରେଡ୍ଡୀଙ୍କ ନେତୃତ୍ୱରେ ଏକ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୟପୁରର ବିଭିନ୍ନ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ୩୧ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।ପ୍ରାଥମିକ ପର୍ଯ୍ୟାୟରୁ ଆୟୁଷ ପଟ୍ଟନାୟକ (ସିଟି ହାଇସ୍କୁଲ), ସୁମିତ୍ରା ପଣ୍ଡା (ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ), ଡିମ୍ପଲ ଅଖୟ କୁଡୁକୁଲା (ମଡର୍ଣ୍ଣ ଇଂଲିଶ୍ ସ୍କୁଲ), ଅନନ୍ୟା ତ୍ରିପାଠୀ (ଏସ୍‌ଏସ୍ଭିଏମ୍ ସାରଦା ବିହାର), ଶ୍ରେୟାଂଶ ଶତପଥୀ (ପ୍ରକାଶ ବିଦ୍ୟାଳୟ) ଏବଂ ଶୁଭ୍ରାଂଶୁ ଶେଖର ନନ୍ଦ (ଏସ୍‌ଏସ୍ଭିଏମ୍ ସାରଦା ବିହାର) ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ପ୍ରତିଯୋଗିତା ୬ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟ କ୍ୱିକ୍ ଫାୟାର ରାଉଣ୍ଡ ବେଶ୍ ରୋମାଂଚକର ହୋଇଥିଲା। କୁଇଜ୍ ପରିଚାଳନା କରିଥିଲେ ଜି. ଭି. ରେଡ୍ଡୀ, ପ୍ରତାପ ପଟ୍ଟନାୟକ, ଅଜୟ ମିଶ୍ର, ପ୍ରଦୀପ୍ତ ସାହୁ, ସୌମ୍ୟ ରଞ୍ଜନ ଦୋଳାଇ ଓ ବିଶ୍ୱଜିତ ମିଶ୍ର। ସ୍କୋରିଂ ଦାୟିତ୍ୱରେ ଥିଲେ କେ. ମୋହନ ରାଓ, ଆନନ୍ଦ ମୁଣ୍ଡା ଓ ରମେଶ ପଟ୍ଟନାୟକ। ସୁଧାକର ପାମାର୍ଥି ଓ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ୟାନେଲିଷ୍ଟ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଆୟୁଷ ପଟ୍ଟନାୟକ (ସିଟି ହାଇସ୍କୁଲ, ଜୟପୁର) ପ୍ରଥମ, ଶ୍ରେୟାଂଶ ଶତପଥୀ (ପ୍ରକାଶ ବିଦ୍ୟାଳୟ) ଦ୍ୱିତୀୟ ଏବଂ ଶୁଭ୍ରାଂଶୁ ଶେଖର ନନ୍ଦ (ଏସ୍‌ଏସ୍ଭିଏମ୍ ସାରଦା ବିହାର) ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ନଗଦ ପୁରସ୍କାର, ସ୍ମାରକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ମୁଖ୍ୟ ଅତିଥି ଶ୍ରୀ ଚନ୍ଦନ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଶ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

# ପଶ୍ଚିମାଂଚଳ ଏକତା ମଂଚର ୧୪ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍‌ରେ ଶଙ୍କର ପ୍ରସାଦ ଦତ ପାଇବେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ

ସମ୍ବଲପୁର,୨୮/୭(ନି/ପ୍ର): ଜୀବନ ସାରା ସୁମଧୁର କଣ୍ଠର ଯାଦୁରେ ବିମୋହିତ କରିବା ସହିତ ସମ୍ବଲପୁରୀ ଲୋକସଂଗୀତକୁ ଉଚ୍ଚ ସୋପାନ ରେ ପହଂଚାଇ ଥିବା ଶଙ୍କର ପ୍ରସାଦ ଦତଙ୍କୁ ଆଗାମୀ ଅଗଷ୍ଟ ଏକ ତାରିଖରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନିତ କରାଯିବ। ବୁଧବାର ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ଜନ୍ମଦିନ ଅଗଷ୍ଟ ଏକ ତାରିଖରେ ପାଳନ କରାଯାଉଥିବା ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଅବସରରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏହି ସମ୍ମାନ ପ୍ରଦାନ କରାଯିବ। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶଙ୍କର ପ୍ରସାଦ ଦତ ବାପା ସ୍ୱର୍ଗତ ବିଭୂତି ଭୂଷଣ ଦତ ଓ ମା ମିନତା ରାଣୀ ଦତଙ୍କ ଠାରୁ ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିଲେ। ବାପା ମାଁ ଙ୍କ ଠାରୁ ପ୍ରାରମ୍ଭିକ ସଂଗୀତ ଶିକ୍ଷା ପରେ ଉସ୍ତାଦ ସ୍ୱର୍ଗତ ରଫିକ୍ ଖାନ, ଗୁରୁ ସ୍ୱର୍ଗତ ଚିତରଞ୍ଜନ ମହାନ୍ତି, ସ୍ୱର୍ଗତ ଅଶୋକ ପଟ୍ଟନାୟକ ଓ ସ୍ୱର୍ଗତ ବିଭୁତେନ୍ଦ୍ର ସିଂଦେଓ, ଗୁରୁ ଅରୁଣ ପ୍ରସନ୍ତ ସେଠ, ସ୍ୱର୍ଗତ ଫକୀର ମୋହନ ପଟ୍ଟନାୟକ, ସ୍ୱର୍ଗତ ପ୍ରଭୁଦତ ପ୍ରଧାନଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ। ଏହାସହ ସ୍ୱର୍ଗତ ପ୍ରଦୀପ ପାତ୍ର, ପ୍ରଫୁଲ୍ଲ କରଙ୍କ ସାନିଧ୍ୟ ଲାଭ କରିଥୁଲେ। ୧୯୭୩ ସାଲେ ଆକାଶବାଣୀ ସମ୍ବଲପୁର ରୁ ସମ୍ବଲପୁରୀ ଲୋକସଂଗୀତ ଏବଂ ୧୯୮୭ ମସିହାରେ ଆକାଶବାଣୀ କଟକରୁ ସୁଗମ ସଂଗୀତ ପାଇଁ ଗାୟକ ଭାବେ ସ୍ୱୀକୃତି ପାଇଥିଲେ। ସମ୍ବଲପୁର ଗୀତ ମାଲିକେ ମୋର ଆନୁଅଛେ ଜର ଭମରା, ବଏଁଶୀଟା କିଏ ନେଇଗଲାରେ, ଗୁଡ଼ର ପଏଁରୀ ବାଜେ ରାଇଁଝାଇଁରେ, ଜୁଡେ ମାଏଝୀର ଘୃଣା, ଶଶୁରଘ ରକେ ଜଏଁଗଲା ନୂଆଁଖାଇ, ବାଏର ତରେ ତରେ ଗଲାରେ ଭାଲୁ ଖସଖସ, ନାଇଁ ବଜା ବେନୁ ଆରୁ କାହ୍ନୁରେ ପ୍ରଭୃତି ପ୍ରାୟ ୩୦୦୦ ଗୀତ ଶଙ୍କର ପ୍ରସାଦ ଦତ ଗାଇଛନ୍ତି । ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଆଜୀବନ ସାଧନା ପାଇଁ ଜଣକୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇ ଆସୁଛି। ଏହିକ୍ରମରେ ୨୦୧୩ ରୁ ସ୍ୱର୍ଗତ ମଙ୍ଗଲୁ ଚରଣ ବିଶ୍ୱାଳ, ଗୁରୁ ଅରୁଣ ପ୍ରସନ୍ନ ସେଠ, ଲାଲ୍ ରତ୍ନାକର ସିଂହ, ପଦ୍ମଶ୍ରୀ ବିନୋଦ ପଶାୟତ, ବାନ୍ଧଶିଳ୍ପୀ ଭଗବାନ ମେହେର, ଅଟଳ ବିହାରୀ ପଣ୍ଡା, ଗୁରୁ ରଣଜିତ ନାଗ, ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, ଅମୃତଲାଲ ସାହୁ , ଗୁରୁ ଭାଗବତ ପ୍ରଧାନ, ସମ୍ବଲପୁରୀ ବହିର ପ୍ରଚାରକ ଶୀବ ଶଙ୍କର ପୂଜାରୀ, ଆର ଗଲା ବଛରେ ଅଭିନେତା ଭୁବନ ଭୋଇଙ୍କୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ ପ୍ରଦାନ କରାଯାଇ ଥିବା ମଂଚର ଆବାହକ ଭବାନୀଶ ଭୋଇ ଏବଂ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

# ବିଟିଓଏ ନିର୍ବାଚନ: ୨୧ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ

ଝାରସୁଗୁଡ଼ା,୨୮/୭(ନି/ପ୍ର): ବ୍ରଜରାଜନଗର ଟ୍ରକ୍ ଓନର୍ସ ଆସୋସିଏସନ୍ (ବିଟିଓଏ)ର ଆସନ୍ତା ଅଗଷ୍ଟ ୨ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ନେଇ ନିର୍ବାଚନୀ ପ୍ରକ୍ରିୟା ଜୋରଦାର ହୋଇଛି। ପ୍ରାର୍ଥିପତ୍ର ଦାଖଲ ପରେ ହୋଇଥିବା ଯାଂଚ୍ ପ୍ରକ୍ରିୟା ଶେଷ ହେବା ପରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ୨୧ ଜଣ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଇଛି। ସଭାପତି ପଦ ପାଇଁ ରାଜା ପୁରୋହିତ, ଦେବେଶ ପଣ୍ଡା, ସତୀଶ ସିଂହ ଓ ଦେବପ୍ରସାଦ ଦାଶଙ୍କ ପ୍ରାର୍ଥିପତ୍ର ବୈଧ ଘୋଷିତ ହୋଇଛି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ବିଜୟ ସିଂହ, ଚନ୍ଦନ ଶ୍ରୀବାସ୍ତବ ଓ ଧନଞ୍ଜୟ ସିଂହଙ୍କ ମଧ୍ୟରେ ମୁକାବିଲା ହେବ ।ଉପସଭାପତି ପଦ ପାଇଁ ସଞ୍ଜୟ ରାୟ, ମୁକେଶ ସିଂହ, ରାମଲାୟକ ସିଂହ, ପ୍ରମୋଦ ସିଂହ, ଅରୁଣ ଯାଦବ ଓ ରାମଜୀ ଚୌହାନଙ୍କ ପ୍ରାର୍ଥିପତ୍ର ବୈଧ ରହିଛି। ଯୁଗ୍ମ ସମ୍ପାଦକ ପଦ ପାଇଁ ଅଚ୍ଛେଲାଲ ସିଂହ, ଲକ୍ଷ୍ମଣ ସୋନୀ, ମଧୁସୂଦନ ସିଂହ ଓ ପ୍ରମୋଦ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରିବେ। କୋଷାଧ୍ୟକ୍ଷ ପଦ ପାଇଁ ଭୂପେନ କାରିଗର, ରାଜୀବ ସିଂହ, ତାରକେଶ୍ୱର ରାୟ ଓ ରୋହିତ ଭାରତୀଙ୍କ ପ୍ରାର୍ଥିପତ୍ର ମଧ୍ୟ ବୈଧ ଘୋଷିତ ହୋଇଛି ।ନିର୍ବାଚନ ଅଧିକାରୀ ନୀଳାଦ୍ରି ପଣ୍ଡାଙ୍କ ସୂଚନାନୁସାରେ, ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବା ପରେ ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଚିହ୍ନ ବଂଟନ କରାଯିବ।

# ଲଇକେରାରେ ସର୍ବାଧିକ ୩୧.୧ ମି.ମି. ରେକର୍ଡ

ଝାରସୁଗୁଡ଼ା,୨୮/୭(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲାରେ ଗତ ୨୪ ଘଂଟା ଧରି ହୋଇଥିବା ବର୍ଷାରେ ଜିଲ୍ଲାର ବିଭିନ୍ନ ଅଂଚଳରେ ଉଲ୍ଲେଖନୀୟ ବର୍ଷାପାତ ରେକର୍ଡ କରାଯାଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁସାରେ, ଜିଲ୍ଲାରେ ମୋଟ ୯୨.୬ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷାର ପରିମାଣ ୧୮.୫୨ ମିଲିମିଟର ରେକର୍ଡ ହୋଇଛି। ଜିଲ୍ଲାର ପାଂଚଟି ବ୍ଲକ ଓ ସଦର ଅଂଚଳର ବର୍ଷା ତଥ୍ୟକୁ ବିଶ୍ଳେଷଣ କଲେ ଲଇକେରା ବ୍ଲକରେ ସର୍ବାଧିକ ୩୧.୧ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ଏହା ପଛକୁ କିର୍ମିରାରେ ୨୨.୩ ମିଲିମିଟର ଓ ଝାରସୁଗୁଡ଼ା ସଦର ଅଂଚଳରେ ୨୨.୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଲଖନପୁର ବ୍ଲକରେ ୧୧.୨ ମିଲିମିଟର ଏବଂ କୋଲାବିରା ବ୍ଲକରେ ସର୍ବନିମ୍ନ ୬.୦ ମିଲିମିଟର ବର୍ଷା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଲଗାତାର ବର୍ଷା ଫଳରେ ଜିଲ୍ଲାର କେତେକ ଅଂଚଳରେ ପାଗ ମନୋରମ ରହିଥିବାବେଳେ ଚାଷୀମାନଙ୍କ ମଧ୍ୟରେ ମଧ୍ୟ ଆଶା ସଂଚାର ହୋଇଛି। ବିଶେଷକରି ଧାନ ଚାଷ ପାଇଁ ଏହି ବର୍ଷା ଉପକାରୀ ସାବ୍ୟସ୍ତ ହେବ ବୋଲି କୃଷି କ୍ଷେତ୍ର ସହ ଜଡିତ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ତେବେ ନିମ୍ନାଂଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ପ୍ରଶାସନ ନଜର ରଖିଥିବା ସୂଚନା ମିଳିଛି। ଡିଇଓସି ପକ୍ଷରୁ ପ୍ରକାଶିତ ବର୍ଷା ତଥ୍ୟ ଅନୁଯାୟୀ, ପାଣିପାଗ ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଛି ଏବଂ ଆବଶ୍ୟକ ସ୍ଥଳେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି।

# ବିପଦସଙ୍କୁଳ ଠେଲାକୋବୁଡ଼ ବ୍ରିଜ୍: ଶୀଘ୍ର ମରାମତି ଓ ଆବଶ୍ୟକ ସ୍ଥଳେ ନୂତନ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ଝାରସୁଗୁଡ଼ା,୨୮/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଇକେରା-କିର୍ମିରା ମୁଖ୍ୟ ସଡ଼କକୁ ସଂଯୋଗ କରୁଥିବା ଠେଲାକୋବୁଡ଼ ନିକଟସ୍ଥ ବ୍ରିଜ୍ ବର୍ତ୍ତମାନ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘଦିନ ଧରି ବ୍ରିଜର ମରାମତି କିମ୍ବା ପୁନରୁଦ୍ଧାର ନ ହେବାରୁ ସ୍ଥାନୀୟ ଲୋକ ଓ ପଥଚାରୀମାନେ ନିତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଅବହେଳା ଯୋଗୁଁ ସମସ୍ୟା ଦିନକୁ ଦିନ ଗୁରୁତର ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସୂଚନା ଅନୁଯାୟୀ, ବ୍ରିଜଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ ଏହାର ଉପରିଭାଗ ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ବ୍ରିଜ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତଦୁପରି ବ୍ରିଜର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନ ଥିବାରୁ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ବର୍ଷା ସମୟରେ ବ୍ରିଜ ପାଣିରେ ବୁଡ଼ି ରହୁଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ସ୍ଥାନୀୟବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଠେଲାକୋବୁଡ଼ ଓ ଆଖପାଖ ଅଂଚଳର ଲୋକମାନେ ବାରମ୍ବାର ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି। କୌଣସି ଅପ୍ରୀତିକର ଘଟଣା ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବ୍ରିଜର ମରାମତି ସହ ଆବଶ୍ୟକ ହେଲେ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କାଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ସ୍ଥାପନ ସମ୍ଭବ ହୋଇପାରି ନଥିଲା।



ସମ୍ବଲପୁରୀ ଦିନ ପାଇଁ ପଶ୍ଚିଂମାଚଳ ଏକତା ମଂଚ ପକ୍ଷରୁ ପ୍ରସ୍ତୁତି




# ସୋମବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ବୁଡ଼ିଲା ଟିସିଆଇର ତଳିଆ ଅଂଚଳ

## ସୁନ୍ଦରଗଡ ଜିଲ୍ଲା ସମେତ ଝାରସୁଗୁଡା, ସମ୍ବଲପୁର ଏବଂ ବରଗଡ ଜିଲ୍ଲାରେ ଲଗାଣ ବର୍ଷା ଜାରି





ରାଉରକେଲା,୨୮/୭(ନି/ପ୍ର): ଗତ ରାତିରେ ରାଉରକେଲା ସହରର ପ୍ରବଳ ବର୍ଷା ଯୋଗୁଁ ବେଦବ୍ୟାସ ଟିସିଆଇ ରୋଡର ଓଭର ବ୍ରିଜ୍ ତଳ ଅଂଚଳ ରାସ୍ତାଟି ବର୍ଷା ପାଣିରେ ବୁଡ଼ି ଯାଇଛି। ଫଳରେ ରାସ୍ତାର ତଳ ଅଂଶ ସମ୍ପୂର୍ଣ୍ଣ ବର୍ଷା ପାଣିରେ ପୂର୍ଣ୍ଣ ହୋଇଯାଇଥିଲା। ବର୍ଷା ପାଣି ନିଷ୍କାସନ ନହେବା ଯୋଗୁଁ ରାସ୍ତାଟି ମଇଳା ପାଣିରେ ପୂର୍ଣ୍ଣ ହୋଇଯାଇଥିଲା ଏବଂ ଗାଡ଼ି ଚାଳକଙ୍କ ସମେତ ଗାଡ଼ି ଚାଳକମାନଙ୍କୁ ସେହି ରାସ୍ତା ଦେଇ ଯାତାୟାତ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷକରି ଏହି ରାସ୍ତା ଦେଇ ଯାଉଥିବା କଳୁଙ୍ଗା ସମେତ ଆଇଡିସି ଶିଳ୍ପାଂଚଳ, ଫାର୍ସାଟୋଲା ଏବଂ ଝାଡ଼ତରଙ୍ଗ ଅଚଂଳକୁ ଯାଉଥିବା ଲୋକମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ ଏବଂ ଛୋଟ ପିଲାମାନେ ସେହି ରାସ୍ତା ଦେଇ ଯାତାୟାତ କରିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ଦିଗରେ ରାଉରକେଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପାଣି କିପରି ନିଷ୍କାସନ କରାଯିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇନଥିଲା। ଏସବୁ ଅଚଂଳରେ ଡ୍ରେନେଜ୍ ସିଷ୍ଟମ୍ ଅତି ଖରାପ ହୋଇଥିବା ଦୃଷ୍ଟିରୁ ବର୍ଷା ପାଣି ଜମି ରହୁଛି। ତେଣୁ ବଡ଼ ଡ୍ରେନ୍ ତିଆରି କରି ଡ୍ରେନେଜ୍ ବ୍ୟବସ୍ଥାକୁ ସଠିକ ଭାବରେ ପରିଚାଳନା କରାଯିବା ପାଇଁ ସ୍ଥାନୀୟ ଅଚଂଳର ଲୋକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ପାଣି ନିଷ୍କାସନ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି। ଏହି ଅଚଂଳରେ ଏକ ବଡ଼ ଇଂରାଜୀ ମାଧ୍ୟମ ସ୍କୁଲ ସହିତ ଶିଳ୍ପାଂଚଳ ରହିଛି। ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲୋକମାନେ ଯାତାୟାତ କରନ୍ତି। ସେହିପରି ସୋମବାର ରାତିରେ ଲଗାତାର ବର୍ଷା ଯୋଗୁଁ, ରାଉରକେଲା ସହରର ଇସ୍ପାତ ସହରାଂଚଳରେ ଥିବା କେତେକ ବସ୍ତି ଅଚଂଳରେ ଘରେ ପାଣି ପ୍ରବେଶ କରିଥିବା ସୂଚନା ମିଳିଛି। ବହୁ ସ୍ଥାନରେ ଡ୍ରେନ୍ ପାଣି ବସ୍ତିରେ ଥିବା ଘର ଭିତରକୁ ପ୍ରବେଶ କରିଥିବା ସୂଚନା ଆସିଛି। ରାଉରକେଲା ମହାନଗର ନିଗମର ସଫେଇ ଠିକାଦାରମାନେ ଡ୍ରେନେଜ୍ ସିଷ୍ଟମ୍ ସମେତ ଡ୍ରେନ୍ ସଫା କରିବା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଦାବି କରାଯାଇଛି। ଆଜି ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା, ଝାରସୁଗୁଡ଼ା, ସମ୍ବଲପୁର ଏବଂ ବରଗଡ ଜିଲ୍ଲାରେ ପ୍ରବଳ ବର୍ଷା ସହିତ ବିଜୁଳି ଘଡଘଡି ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବିଶେଷ ସତର୍କ ସୂଚନା ବା ରେଡ୍ ଆଲର୍ଟ ଜାରି କରାଯାଇଛି।

# ସୁନ୍ଦରଗଡ଼ ଜିଲ୍ଲାରେ ଲଗାଣ ବର୍ଷାରେ ଉବୁଟୁବୁ ରାସ୍ତାଘାଟ



ରାଉରକେଲା,୨୮/୭ (ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ଲଗାଣବର୍ଷାରେ ଉବୁଟୁବୁ ରାସ୍ତାଘାଟ । ଘରେ ଓ ବିଭିନ୍ନ କାର୍ଯ୍ୟାଳୟରେ ପଶିଲା ପାଣି। ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି। ସମ୍ପୂର୍ଣ କାର୍ଯ୍ୟାଳୟ ବର୍ଷା ପାଣିରେ ବୁଡ଼ି ରହିଛି। ବିଡିଓଙ୍କ କାର୍ଯ୍ୟାଳୟ ସମେତ ପ୍ରାୟ ସବୁ ବିଭାଗରେ ବର୍ଷା ପାଣି ଲହଡି ମାରୁଛି । ବ୍ଲକର ମୁଖ୍ୟ ରାସ୍ତାବୁଡ଼ି ଯାଇଛି । ଗୋଷ୍ଠା ସ୍ୱାସ୍ଥ୍ୟକେନ୍ଦ୍ରରେ ସମାନ ସ୍ଥିତି ଦେଖିବାକୁ ମିଳିଛି । ବେଦବ୍ୟାସ ଦାଣ୍ଡିଆପାଲି ଘରେ ପାଣି ପଶିବା ସହ ରାସ୍ତା ବୁଡି ଯାଇଛି । ଉଦିତନଗର ଶୀତଳପଡ଼ାରେ ମାଟି ଘର ଭାଙ୍ଗିବା ସହ ଘରେ ବର୍ଷା ପାଣି ଜମି ରହିଛି । ଜିଲ୍ଲାର ବଣାଇ, ଲହୁଣୀପଡ଼ା, ସୁନ୍ଦରଗଡ଼ ସହର ସମେତ ଅନ୍ୟ କିଛି ବ୍ଲକରେ ସମସ୍ୟା ଦେଖିବାକୁ ମିଳିଛି ।

# ଅଖିଳ ଭାରତୀୟ ମାରଓ୍ୱାଡ଼ୀ ମହିଳା ସମ୍ମିଳନୀର ବୃକ୍ଷରୋପଣ



ରାଉରକେଲା,୨୮/୭ (ନି/ପ୍ର): ଅଖିଳ ଭାରତୀୟ ମାରଓ୍ୱାଡ଼ୀ ମହିଳା ସମ୍ମିଳନୀ, ଉତ୍କଳ ପ୍ରଦେଶ, ରାଉରକେଲା ଶାଖା ପକ୍ଷରୁ ସୋମବାର ଦିନ ପୂର୍ବାହ୍ନ ୧୧:୦୦ ଟାରେ ରୋଟାରୀ ପାର୍କ, ସିଭିଲ୍ ଟାଉନସିପ୍ ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶାଖାର ସମ୍ପାଦିକା ନିଧି ଅଗ୍ରଓ୍ୱାଲ, ପରିବେଶ ପ୍ରକଳ୍ପ ପ୍ରମୁଖ ସାରିକା ମୋଦୀ, ରିମା ହିମତସିଂକାଙ୍କ ସହିତ ସୁଷମା ମୋହନ୍ତ, ମମତା ଅଗ୍ରଓ୍ୱାଲ, ଖ୍ୟାତି ଗୋଏଲ, ନେହା ବଗଡ଼ିଆ ଏବଂ ରିଙ୍କୁ ଅଗ୍ରଓ୍ୱାଲ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସମସ୍ତ ସଦସ୍ୟା ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେବା ସହିତ ଅଧିକରୁ ଅଧିକ ଗଛ ଲଗାଇବା ଏବଂ ସେଗୁଡ଼ିକର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଛି।

# ଲଘୁଚାପଜନିତ ଲଗାଣ ବର୍ଷାରେ ରାସ୍ତା ଓ ଗାଁ ପରିଦର୍ଶନ କଲେ ଜିଲ୍ଲାପାଳ



କୋଇଡା,୨୮/୭ (ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଆଜି କୋଇଡ଼ା ଅଚଂଳର ଦୁର୍ଗମ ରାସ୍ତା ଏବଂ ଅବହେଳିତ ଗାଁ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ମହାପାତ୍ର ଆଜି କୋଇଡ଼ା ପହଚିଂ, ଅଭିଯୋଗ ଶୁଣାଣି ସହ ନିଜେ ଖରାପ ରାସ୍ତାରେ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଂଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ସୁନ୍ଦରଗଡ ଜିଲ୍ଲା ରେଡ୍ ଜୋନ୍ ଥିବାରୁ, ଲଗାଣ ବର୍ଷା ସତ୍ତ୍ୱେ ଛତା ଧରି ସେ ଗ୍ରାମ ଲୋକଙ୍କ ଅବସ୍ଥା ଦେଖିଥିଲେ ଏବଂ ସ୍ଥାନୀୟ ଅଚଂଳର ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ଗଣମାଧ୍ୟମକୁ ଶ୍ରୀ ମହାପାତ୍ର କହିଥିଲେ, ଲଘୁଚାପଜନିତ ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁସାରେ ଆଜି ଆମେ ୫ଟି ବ୍ଲକର ଅନୁଧ୍ୟାନ କରିଥିଲୁ। ବର୍ଷା ପ୍ରଭାବିତ ଅଚଂଳରେ ସରକାର ସହାୟତା ଯୋଗାଇ ଦେବେ। ତେହେରାଇ ରାସ୍ତାରେ ଦେଖାଯାଇଥିବା ସମସ୍ୟାର ସମାଧାନ କରାଯିବ। ସ୍ଥାନୀୟ ଲୋକଙ୍କର ଅଭିଯୋଗ କ୍ରମେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଖଣି ଖୋଲିଲେ ଅଚଂଳର ବିକାଶ ହେବା ସହ ରାଜ୍ୟ ତଥା ସମଗ୍ର ରାଷ୍ଟ୍ରର ବିକାଶ ହୁଏ। ହେଲେ ବର୍ଷକୁ ଖଣିଜ ପାଣ୍ଠି କୁ ବାଦ୍ ଦେଇ କେବଳ ଖଣି ମାଧ୍ୟମରେ ହଜାର ହଜାର କୋଟି ରାଜସ୍ୱ ପ୍ରଦାନ କରୁଥିବା ରାସ୍ତାର ଅବସ୍ଥା ଏମିତି ତାହା ବିଶ୍ୱାସ କରିବା ଅସମ୍ଭବ। ରାଜ୍ୟର ଦ୍ୱିତୀୟ ଖଣି ରାଜଧାନୀ 'କୋଇଡା ବ୍ଲକ୍'। ଏହି ବ୍ଲକ୍ କେବଳ ନିଜର ଭୂତଳର ସମ୍ପଦ ବଳରେ ସରକାରୀ ରାଜକୋଷକୁ ବର୍ଷକୁ ୨୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିବା ସହିତ ରାଜ୍ୟ ତଥା ଦେଶର ଆର୍ଥିକ ମେରୁଦଣ୍ଡକୁ ଜାବୁଡ଼ି ଧରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଛି। ଏଠାକାର ଲୁହାପଥର ସାରା ବିଶ୍ୱରେ ବେଶ୍ ଚାହିଦା ରହୁଥିବାରୁ ଖଣି ନିଲାମ ପ୍ରକ୍ରିୟାରେ ଭାଗ ନେଇ ଦେଶ ଓ ବିଦେଶର ଅଗ୍ରଣୀ ଖଣି କମ୍ପାନିଗୁଡ଼ିକ ହାଇ ପ୍ରିମିୟମ ଦେଇ ଖଣି ହାତେଇ ଖଣି ଜରିଆରେ ସିଂହ ଭାଗ ରାଜସ୍ୱ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ସହ ଖଣି ଅଂଚଳର ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠିକୁ ବହୁ ଅର୍ଥ ପ୍ରଦାନ କରୁଛନ୍ତି। ଏତେ ପରେ ଖଣି ଅଚଂଳବାସୀଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଖଣି ଖୋଲିଲେ ଅଂଚଳର ଲୋକଙ୍କ ପାଇଁ ବରଦାନ ପାଲଟିବ ବୋଲି ସ୍ଥାନୀୟ ନିରୀହ ଆଦିବାସୀ ନିଜ ଜମି, ଜଙ୍ଗଲ, ଝରଣା, ନଦୀ ସବୁର ଜଳାଞ୍ଜଳି ଦେଇଦେଲେ। ହେଲେ ଆଜି ସେଇ ଖଣି ଅଭିଶାପ ପାଲଟିଗଲାଣି। ନା ମିଳିଲା ନିଯୁକ୍ତି ନା ଆୟର ପନ୍ଥା। ଏମିତିକି ଜୀବନ ଦୁର୍ବିସହ ହେଇଗଲାଣି। ସିଧାସଳଖ ସତ୍ୟତା ବର୍ଣ୍ଣନା କରୁଛି କୋଇଡା ବ୍ଲକ୍ ହେଡକ୍ୱାଟର୍ସରୁ ୫ କିଲୋମିଟର ଦୂର ତେହେରେଇ ଛକ ଠାରୁ ସର୍ଗିଗଡ-ଗଣୁଆଁ-ମଣ୍ଡଯୋଡା ଅଚଂଳକୁ ସଂଯୋଗ କରୁଥିବା ଏ ୧୪ କିଲୋମିଟର ରାସ୍ତା। ରାସ୍ତାରେ ସତେ ଯେପରି ଯମ ଜଗି ରହିଛି। କେବଳ ଗଣୁଆଁ ନୁହେଁ ମାଲଦା ପଚାଂୟତର ଜଡିପଦା, ଗିଡେଇ, ଦେଓଘର, ଦଳିତା, ପଟବେଡ଼ା, ମଣ୍ଡଜୋଡା ଅଚଂଳ ଓ ପାଟମୁଣ୍ଡା ପଚାଂୟତର ପାନପୋଷିଆ, ସର୍ଗୀଗଡ ବି ସମ୍ପୁର୍ଣ୍ଣଭାବରେ ବିଛିନ୍ନ। ଏ ରାସ୍ତା ଅବସ୍ଥା ଏତେ ଶୋଚନୀୟ ଯେ ୧୦ କିଲୋମିଟର ରାସ୍ତାରେ ୧୫୦୦ କର୍ଦ୍ଦମାକ୍ତ ଖାଲ ହେବା ସହ ସବୁଆଡେ କାଦୁଅର ପାହାଡ଼। ଖଣି ପରିବହନ ଯୋଗୁଁ ଜୀବନକୁ ବାଜି ଲଗାଇ ନିଜ ପେଟ ପାଇଁ ବଡ଼ ଗାଡ଼ି ଚାଳକମାନେ ଅହରହ ଏ ରାସ୍ତାରେ ଚଳାଚଳ କରୁଛନ୍ତି ସତ। କିନ୍ତୁ ରାସ୍ତା ଅବସ୍ଥା ପାଇଁ ଗାଡ଼ି ମାଲିକ କ୍ଷତି ସହିବା ସହ ଗାଡ଼ି ବ୍ରେକଡାଉନ୍ ହେଲେ ସପ୍ତାହ ସପ୍ତାହ ପଡି ରହୁଛନ୍ତି ହେଲେ। ଏ ରାସ୍ତା ସଂଯୋଗ କରୁଥିବା ଗ୍ରାମବାସୀ, ପଥଚାରି, ବିଦ୍ୟାଳୟ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ ପାଇଁ ଏ ରାସ୍ତା କୌଣସି ଯମ ଠାରୁ କମ୍ ନୁହେଁ।

# ରାଉରକେଲାରେ ପବିତ୍ର ଶିବ ଚର୍ଚ୍ଚା ପର୍ବ ମହାଆଡମ୍ବର ସହକାରେ ପାଳିତ



ରାଉରକେଲା,୨୮/୭ (ନି/ପ୍ର): ରବିବାର ଅପରାହ୍ନ ୨ଟାରୁ ରାଉରକେଲା ସ୍ମାର୍ଟ ସିଟି ଅନ୍ତର୍ଗତ ବାସନ୍ତୀ କଲୋନୀରେ ଥିବା ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ପବିତ୍ର ଶିବ ଚର୍ଚ୍ଚା ଉତ୍ସବ ମହା ଆଡମ୍ବର ଏବଂ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ, ଦୂର ଦୂରାନ୍ତର ଅଳଚଂରୁ ୫୦୦ରୁ ଅଧିକ ମହିଳା ଆସି ପୂଜାରେ ଅଂଶଗ୍ରହଣ କରିଥିଲେ। ସେମାନେ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ, ପରିବାରର ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ ଏବଂ ଶିବ ଗୁରୁଙ୍କ ଠାରୁ ଆଶୀର୍ବାଦ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଗୁରୁଦ୍ୱାର କମିଟିର ସଭାପତି, ରାଜସ୍ଥାନ ପରିଷଦର ସଭାପତି, ହରିୟାଣା ନାଗରିକ ସେବା କମିଟିର ସଭାପତି ଏବଂ ଚାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ଶୁଭ ପଟ୍ଟନାୟକ ଉପସ୍ଥିତ ଥିଲେ। ମହିଳାମାନେ ଶିବ ଗୁରୁଙ୍କ ମହିମା ଏବଂ ତାଙ୍କ ବାର୍ତ୍ତା ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଭଜନ ଗୋଷ୍ଠୀ ସେମାନଙ୍କର ଭକ୍ତିଭରା ଭଜନ ସହିତ ଭକ୍ତମାନଙ୍କୁ ମୋହିତ କରିଥିଲେ। ସମଗ୍ର ପରିସରରେ ଭକ୍ତି ଏବଂ ଆଧ୍ୟାତ୍ମିକତାର ପରିବେଶ ବିରାଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଏବଂ ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ସାଓ୍ୱେଲ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବିହାର ସାଂସ୍କୃତିକ ପରିଷଦର ସଭାପତି ଅରୁଣ ସିଂହ, ପ୍ରତିଷ୍ଠାତା ରାମ ସିଂହ, କାର୍ଯ୍ୟକାରୀ ସଭାପତି ରବି ରାୟ, ସଞ୍ଜୟ ସିଂହ, ଅରୁଣ ତନ୍ତି, ସୀମା ଦେବୀ, ରୁବି ଦାସ, ରୀତା ସିଂହ ଏବଂ ରାଉରକେଲା ପୁଲିସ ପ୍ରଶାସନର ପ୍ରଶଂସନୀୟ ସହଯୋଗ ମଧ୍ୟ ରହିଥିଲା। ପୂଜା-ଅର୍ଚ୍ଚନା ସମାପ୍ତ ହେବା ପରେ, ଏକ ଭଣ୍ଡାରା ବା ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଯେଉଁଥିରେ ଦେଶୀ ଘିଅ ସହିତ ପ୍ରସ୍ତୁତ ପୁରୀ, ପନିପରିବା ଏବଂ କ୍ଷୀରିର ପ୍ରସାଦ ଭକ୍ତମାନଙ୍କୁ ବଟଂନ କରାଯାଇଥିଲା। ପ୍ରସାଦ ସେବନ କରିବା ପରେ ଭକ୍ତମାନଙ୍କ ମଧ୍ୟରେ ବହୁତ ଉତ୍ସାହ ଏବଂ ଖୁସି ଦେଖିବାକୁ ମିଳିଥିଲା।

# ଚିନ୍ତାମଣି ଗୁରୁଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୨୮/୭ (ନି/ପ୍ର): ମଧୁସାଗର ଆବାସିକ ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱର୍ଗତ ଚିନ୍ତାମଣି ଗୁରୁଜୀଙ୍କ ପ୍ରିୟ ଛାତ୍ର ତଥା ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଶିକ୍ଷକ ନେତା ଭ୍ରମର ରାଉତଙ୍କ ଜନ୍ମ ବାର୍ଷିକୀ ଅବସରରେ ଅଙ୍ଗୁଳାଇ ଗ୍ରାମ ଦେବତୀ ମା ତାରିଣୀଙ୍କ ପୀଠରେ ଗୁରୁଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସର ସଭାପତି ହୃଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧୁସାଗର ବିଦ୍ୟାପୀଠର ବହୁ ସଂଖ୍ୟକ ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଗାନ୍ଧୀ ପନ୍ଥି, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ଶିକ୍ଷକ ଚିନ୍ତାମଣି ଗୁରୁଜୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ଭାବେ ଗୁରୁଜୀ ନିଜର ସମସ୍ତ ପୈତୃକ ସମ୍ପତି ଦାନ କରି ୧୯୬୭ ରେ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ସନ୍ଥ ବିନୋବାଙ୍କ ଠାରୁ ଆରମ୍ଭ କରି ତତକାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଆଚାର୍ଯ୍ୟ ହରିହର, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ, ତତକାଳୀନ ଭାରତର ଜାତୀୟ କଂଗ୍ରେସର ସଭାପତି ୟୁ.ଏନ୍. ଧେବର ଓ ଗୁରୁଜୀଙ୍କ ଛାତ୍ର ଦିବଂଗତ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧୁସାଗର ଆସିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ୧୯୪୮ ରୁ ନିପଟ ମଫସଲ ନଦୀନାଳ ଘେରା ଅଂଚଳରେ ଶିକ୍ଷାର ପ୍ରସାର ପାଇଁ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ପ୍ରଚଳନ କରି ପାଠପଢା ସହିତ ଧନ୍ଦା ମୂଳକ ଶିକ୍ଷା ପ୍ରଚଳନ କରି ଗରିବ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ସହ ସ୍ୱାବଲମ୍ବି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ। ପାଠପଢା ସହ ମାଛଚାଷ, ଗୋପାଳନ, କୃଷି, ଡଙ୍ଗା ଚାଳନା, ସାଇକେଲ ମରାମତି, ଟେଲରିଂ ଶିକ୍ଷା ଓ ନାରୀ ଶିକ୍ଷାର ପ୍ରସାର ପାଇଁ କସ୍ତୁରବା ନାରୀମହଲ ପ୍ରତିଷ୍ଠା କରି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିଥିଲେ। ଶିକ୍ଷାସହ ସମାଜ ସେବା, ସର୍ବୋଦୟ ଆନ୍ଦୋଳନ, ଭୂଦାନ ଆନ୍ଦୋଳନର ସକ୍ରିୟ ଯୋଗଦାନ, ସମାଜ ସଂସ୍କାର ମାଧ୍ୟମରେ କମ୍ ବୟସ୍କ ବିଧବା ମହିଳାମାନଙ୍କୁ ପୁନଃ ବିବାହ କରାଇ ମହିଳାଙ୍କୁ ନୂତନ ଦିଗ ଦେଖାଇଥିଲେ। ଗୁରୁଜୀ ତାଙ୍କ ପ୍ରାଥମିକ ଶିକ୍ଷକ ସ୍ୱର୍ଗତ ନଟବର ମେକାପଙ୍କୁ ଦେହାନ୍ତ ପର୍ଯ୍ୟନ୍ତ ପ୍ରତିମାସରେ ଖର୍ଚ୍ଚ ପାଇଁ ଟଙ୍କା ଦେବା ସହ ଦୈନିକ ଖାଦ୍ୟର ବ୍ୟବସ୍ଥା କରିଥିଲେ। ମେକାପଙ୍କ ଏକମାତ୍ର ଝିଅକୁ ପ୍ରାଥମିକ ଶିକ୍ଷକ କରାଇ ବିବାହ କରିଥିବା ପିତୃହୀନ ଝିଅ ମାନଙ୍କ ପିତାଭାବେ ବିବାହ କରାଇବା ଅନେକଙ୍କୁ ଯୌତୁକ ବିହୀନ ଶଙ୍ଖ ବଜାଇ ଚଲାଇ ଚଲାଇ ନେଇ ବିବାହ କରାଇଥିବା ବକ୍ତାମାନେ ପ୍ରକାଶ କରିଥିଲେ। ଆଲୋଚନା ଚକ୍ରରେ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଖଣ୍ଡୁଆଳ, କେଶବ ଚରଣ ଲେଙ୍କା, ପ୍ରଭାତୀ ସାହୁ, ଅରବିନ୍ଦ ସ୍ୱାଇଁ, ବିଦ୍ୟୁଲତା ପତି, ଧ୍ରୁବଚରଣ ସାହୁ, ନୀଳମାଧବ ରାଉତ, ଭଞ୍ଜକିଶୋର ସ୍ୱାଇଁ, ଶେଖ ମନସୁର ଅଲ୍ଲୀ, କ୍ୟାପ୍ଟେନ ପ୍ରେମାନନ୍ଦ ରାଉତ, ବିଶ୍ୱଭୂଷଣ ମଲ୍ଲିକ, ମନୋଜ ନନ୍ଦ, ସଭାପତି କାଶୀନାଥ ରାଉତରାୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆରଏସପିର ସମ୍ପ୍ରସାରଣ ପାଇଁ ସୀମା ପ୍ରାଚୀର ନିର୍ମାଣ ଶେଷ ପର୍ଯ୍ୟାୟରେ



ରାଉରକେଲା,୨୮/୭ (ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନାର ଆଗାମୀ ସବୁଜ ସବୁଜ ଭୂମି (ଗ୍ରୀନ ଫୀଲ୍ଡ ) ସମ୍ପ୍ରସାରଣ ପାଇଁ ସୀମା ପ୍ରାଚୀର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଚିଂଛି। ପ୍ରାୟ ୩୦ ହଜାର କୋଟି ଟଙ୍କା ବ୍ୟୟରେ ବର୍ତ୍ତମାନର କାରଖାନା ସଂଲଗ୍ନ ଜମିରେ ଏହି ସମ୍ପ୍ରସାରଣ କାର୍ଯ୍ୟ କରାଯିବ। ଏହି ପରିକଳ୍ପନାକୁ ସାକାର କରିବା ପାଇଁ ସେଲ୍, ଆରଏସପି ୧୯୫୦ ଦଶକରେ ଓଡ଼ିଶା ସରକାରଙ୍କ ଦ୍ୱାରା କାରଖାନା ପାଇଁ ଆବଟିଂତ ଜମିରୁ ଉକ୍ତ ୧,୨୦୦ ଏକର ଜମିକୁ ସୁରକ୍ଷିତ କରିବା ପାଇଁ ଆଜି ସୁଦ୍ଧା ୧୧.୧୯ କିଲୋମିଟର ଦୀର୍ଘ ତାରଜାଲି ଘେରା କରି ସୁରକ୍ଷିତ କରିସାରିଛି। ଏହାସହିତ କଂକ୍ରିଟ୍ କାନ୍ଥ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଯୋଜନା କରାଯାଇଥିବା ୧୦.୩୦୮ କିଲୋମିଟର ଦୀର୍ଘ କଂକ୍ରିଟ୍ କାନ୍ଥ ମଧ୍ୟରୁ ୯.୧୧ କିଲୋମିଟର କାନ୍ଥ ନିର୍ମାଣ ପ୍ରାୟ ଶେଷ ହୋଇଛି। ବାକି ଅଂଶର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ଏହି ସମୟ ମଧ୍ୟରେ ମେସର୍ସ ମେକନ୍ ଦ୍ୱାରା ଭୂ-ସଂସ୍ଥାନିକ ସର୍ବେକ୍ଷଣ, ଭୂଗର୍ଭସ୍ଥ ସର୍ବେକ୍ଷଣ ଏବଂ ମୃତ୍ତିକା ପରୀକ୍ଷା କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହି ସମ୍ପ୍ରସାରଣ ସମ୍ବନ୍ଧୀୟ ପ୍ରକଳ୍ପ ରିପୋର୍ଟ ମଞ୍ଜୁରୀ ପାଇଁ ସେଲ୍ ବୋର୍ଡ ନିକଟରେ ଦାଖଲ କରାଯିବ। ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ପୋଲିସର ଅକୁଣ୍ଠ ସହଯୋଗରେ, ଏପ୍ରିଲ ୨୮ ରୁ ଏକ ଜଟିଳ ସମୟସୀମା ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବନ୍ଧୁର ପାହାଡ଼ିଆ ଜମି, ବିପଜ୍ଜନକ ଭୂଭାଗ ଏବଂ ଜଳସ୍ରୋତ ଏହି କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିଲା। ଏହାକୁ ଅତିକ୍ରମ କରିବା ପାଇଁ ପ୍ରାଚୀର ନିର୍ମାଣକାରୀ ଟିମ୍ ଏକ ବିଶାଳ ସାମଗ୍ରୀକ ଓ ପରିବହନ ବ୍ୟବସ୍ଥା ମାଧ୍ୟମରେ ଏହାକୁ ଆଗେଇ ନେଇଥିଲା। ଜଳସ୍ରୋତଗୁଡ଼ିକ ଉପରେ ଚଳାଚଳ ପାଇଁ ଅସ୍ଥାୟୀ ପୋଲ ନିର୍ମାଣ ସହ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଏଥି ସହିତ ତାରଜାଲି ଘେରା ଏବଂ ପ୍ରି- କାଷ୍ଟ କଂକ୍ରିଟ୍ କାନ୍ଥ ନିର୍ମାଣ କାର୍ଯ୍ୟ ଅନୁପୁରକ ଚାଲୁ ରହିଥିଲା । ମଇ ୬ ତାରିଖରୁ ସ୍ଥାୟୀ କାନ୍ଥ ନିର୍ମାଣ ଆରମ୍ଭ ହୋଇଥିଲା। ଭିତ୍ତିପ୍ରସ୍ତରକୁ ଗଭୀର ଭାବେ ଖୋଳାଯାଇ ସୁରକ୍ଷା ପାଇଁ ୩.୫ ମିଟର ଉଚ୍ଚତାର ସର୍ପିଳ କଂକ୍ରିଟ୍ କାନ୍ଥ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପର ମୁଖ୍ୟ ଶକ୍ତି, ଏହାର ଶ୍ରମିକ ଓ କର୍ମଚାରୀବୃନ୍ଦ। ପୋଲିସ, ସିଆଇଏସଏଫ ଯବାନ, ଅଗ୍ନିଶମ ସେବା କର୍ମଚାରୀ ଏବଂ ସୁରକ୍ଷା ଗାର୍ଡଙ୍କ ନିରାପତ୍ତା ବଳୟ ମଧ୍ୟରେ, ଶହ ଶହ କର୍ମଚାରୀ ଓ ଠିକା ଶ୍ରମିକ ମାନେ ଗ୍ରୀଷ୍ମ ର ୪୩ ଡିଗ୍ରୀ ତାପ ପ୍ରବାହ ସହ ପରବର୍ତ୍ତୀ ସମୟରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ିକୁ ଖାତିର ନକରି ପ୍ରଭାତରୁ ମଧ୍ୟ ରାତ୍ରି ଯାଏଁ ପରିଶ୍ରମ କରିଥିଲେ। ପ୍ରତିକୂଳ ପାଣିପାଗ ମଧ୍ୟରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଓ କଟେଂନର ବ୍ୟବହାର କରି ସେମାନେ ନିଜର କାର୍ଯ୍ୟ ଜାରି ରଖିଥିଲେ। ଦିନେ ଯାହା ୧,୨୦୦ ଏକର ଏକ ପତିତ ଅପହଚଂ ଜମି ହୋଇ ରହିଥିଲା, ତାହା ଆଜି ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷିତ ଓ ସମନ୍ୱିତ ପରିସରର ଏକ ଅଂଶ ପାଲଟିଛି। ଅପରପକ୍ଷରେ, ଏହି ଜମିରେ ଥିବା କୁଟୀର ଗୁଡିକରେ ରହୁଥିବା ଲୋକଙ୍କୁ ଆର୍ଥିକ ସହାୟତା ସହିତ ଦେଓଗାଁ ନିକଟରେ ବାସ ଜମି, ଠିକା ନିଯୁକ୍ତି ଏବଂ ଚିକିତ୍ସା ସୁବିଧା ପରି ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ସୁଗମ ସ୍ଥାନାନ୍ତରଣ ପାଇଁ ଅସ୍ଥାୟୀ ରହିବା ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା, ସ୍ଥାନାନ୍ତରିତ ହୋଇଥିବା ୫୧୪ଟି ପରିବାରକୁ ୨୧.୧୭ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇସାରିଛି ଏବଂ ୨୦୮ ଜଣଙ୍କୁ ଠିକା ନିଯୁକ୍ତି ପ୍ରଦାନ କରାଯାଇଛି। ୩୨୩ଟି କୁଟୀର ରେ ରହୁଥିବା ଲୋକମାନେ ଆଗରୁ ହିଁ ଅସ୍ଥାୟୀ ରହିବା ସ୍ଥାନ କିମ୍ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇସାରିଛନ୍ତି। ସ୍ଥାନାନ୍ତରିତ କୁଟୀରବାସୀଙ୍କୁ ହସ୍ତାନ୍ତର କରିବା ପାଇଁ ଦେଓଗାଁ ନିକଟରେ ରାସ୍ତା ସଂଯୋଗ, ବିଦ୍ୟୁତ୍, ଜଳ ଯୋଗାଣ ଏବଂ ଡ୍ରେନେଜ୍ ବ୍ୟବସ୍ଥା ସହିତ ଏକ ଉନ୍ନତ ସ୍ଥାନର ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି।